୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.111 Bhubaneswar Tuesday June 10 2025 ୨୭ତମ ବର୍ଷ ସଂଖ୍ୟା–୧୧୧ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୧୦, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଆକ୍ସନ ମୋଡରେ ମୁଖ୍ୟମନ୍ତ୍ରୀ: ଲାଞ୍ଚ ନେଇ ଜେଲ୍ ଗଲେ ଆଇଏଏସ୍ ଧିମନ୍ : ଅନ୍ତରୀଣ ସୁରକ୍ଷାରେ ଅଛନ୍ତି ବିଷ୍ଣୁପଦ

ଭୁବନେଶ୍ୱର,୯।୬(ପି.ଏନ): ଆକ୍ସନମୋଡରେ ମୋହନ ମାଝୀ ସରକାର । ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଯୋଗୁ ୨୦୨୧ ବ୍ୟାଚ୍ ଆଇଏଏସ୍ ଅଫିସର ଧିମନ ଚକମାଙ୍କୁ ଜେଲ୍ ଯିବାକୁ ପଡିଛି । ଲାଂଚ୍ ନେବା ମାମଲାରେ ଭିଜିଲାନ୍ସ ତାଙ୍କୁ ଗିରଫ କରି ସୋମବାର ଜେଲ୍ ହାଜତକୁ ପଠାଇ ଦେଇଛି । ତାଙ୍କଠୁ ୫୭.୪୭ଲକ୍ଷ ଟଙ୍କା ଜବତ ହୋଇଛି। ଏପଟେ ଲାଂଚ୍ ମାମଲାରେ ବିବାଦୀୟ ଆଉ ଜଣେ ଆଇଏଏସ୍ ବିଷ୍ଣୁପଦ ସେଠୀ ଏବେ କୋର୍ଟଙ୍କ ଅନ୍ତରୀଣ ସୁରକ୍ଷାରେ ରହିଛନ୍ତି। କୋର୍ଟରେ ତାଙ୍କ ମାମଲା ଶୁଣାଣି ଶେଷ ହୋଇ ସାରିଥିବାବେଳେ ରାୟ ସଂରକ୍ଷିତ ରହିଥିବା ଜଣାପଡିଛି । ତେବେ ମୋହନ ସରକାର ଯେଭଳି ଭାବେ କଡା ଆଭିମୁଖ୍ୟ ଗ୍ରହଣ କରି ଜଣକ ପରେ ଜଣେ ବରିଷ୍ଠ ପାହ୍ୟାର ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କୁ ଜେଲକୁ ପଠାଉଛନ୍ତି ତାହା ପ୍ରଶାସନିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଇଏଏସ୍ ଧିମନଙ୍କଠୁ ୫୭ଲକ୍ଷ ଟଙ୍କା ଜବତ





ଜଣେ କ୍ରସର ମାଲିକଙ୍କଠୁ ଲାଂଚ୍ ନେବା ଘଟଣାରେ ଧର୍ମଗଡର ଉପଜିଲ୍ଲାପାଳ ତଥା ୨୦୨୧ ବ୍ୟାଚ୍ ଆଇଏଏସ୍ ଧିମନ ଚକମାଙ୍କୁ ଭିଜିଲାନ୍ସ ଗିରଫ କରିଛି । ତାଙ୍କ ବିରୁଦ୍ଧରେ ପ୍ରମାଣ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭିଜିଲାନ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅନୁମତି ଲୋଡାଯାଇଥିଲା । ଯାହାକୁ ମୁଖ୍ୟମନ୍ତ୍ରୀ ତତ୍କାଳ ମଞ୍ଜୁରୀ ଦେଇଥିବା ଜଣାପଡିଛି । ମୁଖ୍ୟମନ୍ତ୍ରୀଙ୍କ ଅନୁମତି ମିଳିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ୍ ଓ ସରକାରୀ ବାସଭବନ ଚ?ଉ କରି ମୋଟ ୫୭.୪୭ଲକ୍ଷ ଟଙ୍କା ଜବତ କରିଛି ।

## ମଝି ସମୁଦ୍ରରେ କଣ୍ଟେନର ଭର୍ତ୍ତି ଜାହଜରେ ଭୟଙ୍କର ବିସ୍ଫୋରଣ

ଭୁବନେଶ୍ୱର,୯।୬(ପି.ଏନ): କେରଳର କୋଚ୍ଚି ଉପକୂଳ ଅତିକ୍ରମ କରୁଥିବା ବେଳେ ସିଙ୍ଗାପୁର ପତାକା ଥିବା କଣ୍ଟେନର ଭର୍ତ୍ତି ଜାହଜ ଏମଭି ୱାନ ହାଇ ୫୦୩ରେ ଭୟଙ୍କର ବସ୍ଫୋରଣ ହୋଇଛି। ବିସ୍ଫୋରଣ ଆଜି ସକାଳ ୧୦.୩୦ରେ ହୋଇଥିବା ପ୍ରଥମେ ମୁମ୍ବାଇରେ ଥିବା ମାରିଟାଇମ ଅପରେସନ୍ସ ସେଣ୍ଟର ପକ୍ଷରୁ ତା'ର କୋଚ୍ଚି ପ୍ରତିପକ୍ଷକୁ ଅବଗତ କରାଯାଇଥିଲା। ଏହି ବିସ୍ଫୋରଣ ଯୋଗୁ ଜାହଜରେ ଥିବା ୪ ଜଣ କ୍ରୁ ସଦସ୍ୟ ନିଖୋଜ ହୋଇ ଯାଇଛନ୍ତି। ସେହିପରି ଆଉ ୫ ଜଣ ଆହତ ହୋଇଛନ୍ତି। ଭାରତୀୟ ନୌସେନା ଓ ତଟରକ୍ଷୀ ବାହାନୀ ବିସ୍ଫୋରଣରେ କ୍ଷତିଗ୍ରସ୍ତ ଜାହଜକୁ



ସହାୟତା କରିବାକୁ ଅପରେସନ ଆରମ୍ଭ କରିଛନ୍ତି। ମଝି ସମୁଦ୍ରରେ ଏପରି ବିସ୍ଫୋରଣ ହୋଇଥିବାରୁ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି।

## ରାଜଧାନୀରେ ବେଆଇନ ଗର୍ଭପାତ ! ମେଡ଼ିସିନ ଷ୍ଟୋରରୁ ବେଆଇନ ଗର୍ଭପାତ କିଟ୍ ଜବତ

ଭୁବନେଶ୍ୱର,୯।୬(ପି.ଏନ): ରାଜଧାନୀରେ ଚାଲିଥିଲା ବେଆଇନ ଗର୍ଭପାତ ! ମେଡ଼ିସିନ ଷ୍ଟୋରରେ ମିଳୁଥିଲା ବେଆଇନ ଗର୍ଭପାତ କିଟ । ବିନା ଡାକ୍ତରୀ ପ୍ରେସକ୍ରିପସନରେ ଏହି କିଟ ବିକ୍ରି କରିବା ନେଇ ଅଭିଯୋଗ । ଅଭିଯୋଗ ପରେ ଆରମ୍ଭ ହେଲା ଚଢ଼ାଉ । ଡ୍ରଗ୍ କଣ୍ଟ୍ରୋଲର ଙ୍କ ପକ୍ଷରୁ ନୟାପଲ୍ଲୀ ଅଞ୍ଚଳରେ ଚଢ଼ାଉ ଜାରି । ନୟାପଲ୍ଲୀ ଘ୧ ଅଞ୍ଚଳରେ ଥିବା ଏକାଧିକ ମେଡ଼ିସିନ ଷ୍ଟୋରରେ ଚଢ଼ାଉ। ଚଢ଼ାଉ ବେଳେ କିଛି unwanted kiit ମିଳିଛି ।ଏସବୁ



ବିନା ଡାକ୍ତର ଅନୁମତିରେ ବିକ୍ରି କରିବା ବେଆଇନ ହୋଇଥିବା ବେଳେ ପ୍ରତିଷ୍ଠିତ ମେଡ଼ିସିନ ଦୋକାନ ମାନଙ୍କରେ ବିକ୍ରି ନେଇ ପୂର୍ବରୁ ଖବର ମିଳିଥିଲା । ଖବର ଆଧାରରେ ଆଜି ଚଢ଼ାଉକୁ ବ୍ୟାପକ କରାଯାଇଛି ।

## ନକ୍ସଲମାନଙ୍କ ଆଇଡି ବିସ୍ଫୋରଣ ; ଅତିରିକ୍ତ ଏସପି ସହିଦ



ଭୁବନେଶ୍ୱର,୯।୬(ପି.ଏନ): ଛତିଶଗଡ଼ର ସୁକମା ଜିଲ୍ଲା କୋଣ୍ଟା ଅଞ୍ଚଳରେ ନକ୍ସଲମାନଙ୍କ ଦ୍ୱାରା ହୋଇଥିବା ଆଇଡି ବିସ୍ଫୋରଣରେ ଅତିରିକ୍ତ ଏସପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି । ବିସ୍ଫୋରଣ ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ବିସ୍ଫୋରଣରେ କୋଣ୍ଟା ପୋଲିସ ଷ୍ଟେସନ ଇନଚାର୍ଜ ଏବଂ ଏସଡିପିଓ ମଧ୍ୟ ଆହତ ହୋଇଛନ୍ତି । ସେମାନଙ୍କର ଚିକିତ୍ସା ଚାଲିଛି ।

ପୋଲିସ ଦଳ ପାଟ୍ରୋଲିଂରେ ବାହାରିଥିବା ବେଳେ କୋଣ୍ଟା ପୋଲିସ ଷ୍ଟେସନ ଅଞ୍ଚଳରେ ଏହି ଘଟଣା ଘଟିଥିଲା । ପୋଲିସ ଏବଂ ସୁରକ୍ଷାବାହିନୀ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି ।

## କାଲି ବିଜେଡିର ରାଜ୍ୟ କର୍ମକର୍ତ୍ତା ବୈଠକ, ରାଜ୍ୟ ସରକାରଙ୍କ ମିଛର ପର୍ଦ୍ଦାଫାସ ପାଇଁ ପ୍ରସ୍ତୁତ ହେବ ରୋଡମ୍ୟାପ୍

ଭୁବନେଶ୍ୱର,୯।୬(ପି.ଏନ): ଆସନ୍ତାକାଲି ବିଜେଡିର ରାଜ୍ୟ କର୍ମକର୍ତ୍ତା ବୈଠକ । ଶଙ୍ଖ ଭବନରେ ହେବାକୁ ଥିବା ଏହି ବୈଠକର ଅଧକ୍ଷତା କରିବେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ । ଏ ନେଇ ଆଜି ଶଙ୍ଖ ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଯେଉଁଥିରେ କର୍ମକର୍ତ୍ତା ବୈଠକ ପାଇଁ ସ୍ଥିର ହୋଇଛି ରୋଡମ୍ୟାପ । ବିଜେପି ସରକାରର ଏକ ବର୍ଷର ବିଫଳତା ସମ୍ପର୍କରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ ନବୀନ । ସରକାରଙ୍କ ବିଫଳତା ନେଇ ଲୋକଙ୍କୁ କିପରି ଭାବେ ସଚେତନ କରାଯିବ, ସେ ନେଇ ଗୁରୁମନ୍ତ୍ର ଦେବେ ନବୀନ । ବୈଠକରେ ସମସ୍ତ କମିଟି ସଦସ୍ୟଙ୍କ ସହ ୨୦୨୪ ନିର୍ବାଚନର ବିଧାୟକ ଓ ସାଂସଦ ପ୍ରାର୍ଥୀ ଉପସ୍ଥିତ ରହିବେ । ନବୀନଙ୍କୁ ସ୍ୱାଗତ କରିବାକୁ ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଛି ପ୍ରସ୍ତୁତି ବୈଠକ । ସରକାରଙ୍କ ବିଫଳତା ସମ୍ପର୍କରେ ଦଳୀୟ କର୍ମୀ ଓ



ନେତାଙ୍କୁ ସଚେତନ କରାଇବେ ନବୀନ । ବିଜେପି ସରକାରର ଏହି ଏକ ବର୍ଷ ବିଫଳତାର ବର୍ଷ ବୋଲି ଅଭିଯୋଗ କରିଛି ବିଜେଡି । ଭଓ୍ୱା ବିଫଳତା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଅନାହାର ମୃତ୍ୟୁ, ପୋଲାଭରମ, ମହାନଦୀ, ଓବିସି ସଂରକ୍ଷଣ, ମଦ ମୃତ୍ୟୁ, ବାଟବଣା ତଦନ୍ତ ରିପୋର୍ଟ ଭଳି ପ୍ରସଙ୍ଗରେ ଲୋକଙ୍କୁ ଅବଗତ କରିବାକୁ ନବୀନ ଦେବେ ଗୁରୁମନ୍ତ୍ର । ସେହିପରି ବିଜେପି ସରକାର କହୁଛି, ରାଜ୍ୟରେ ଦୁର୍ନୀତି ହେଉନି । ହେଲେ ଜଣେ ଆଇଏଏସ୍ ଅଫିସରଙ୍କ ଘରୁ ଜବତ ହେଉଛି ୪୭ ଲକ୍ଷ ଟଙ୍କା । କିପରି ରାଜ୍ୟ ସଚିବାଳୟ ଦୁର୍ନୀତିର ଉତ୍ସ ପାଲଟିଛି, ତାହା ଉପରେ ଆଲୋଚନା କରାଯିବ । ବିଜେପି ସରକାର ଯେଉଁ ବର୍ଷ ପୂର୍ତ୍ତିର ସଫଳତା ନେଇ ଡିଣ୍ଡିମ ପିଟି ଉତ୍ସବ କରିବାକୁ ଯାଉଛନ୍ତି, ତାହାକୁ ବିଫଳତାର ବର୍ଷ ଭାବେ ପର୍ଦ୍ଦାଫାଶ କରିବ ବିଜେଡି । ନବୀନ ପଟ୍ଟନାୟକ ଲୋକଙ୍କ ପାଇଁ କରିଥିଲେ ଅନେକ ଯୋଜନା । କିନ୍ତୁ ସରକାର ବଦଳିବା ପରେ ଯୋଜନାର ନାଁ ଓ ରଙ୍ଗ ବଦଳାଇବାରେ ଲାଗିପଡିଛି ବିଜେପି । ବର୍ଷକ ଭିତରେ ବିଜେପି ଲୋକଙ୍କ ପାଇଁ କାମ କମ, ଡ୍ରାମା ଅଧିକ କରିଛି ବୋଲି ଜାଣି ସାରିଲେଣି ଜନତା । ଯେଉଁଥିପାଇଁ ସରକାର ନଥିବା ଭଳି ଲୋକେ ଅନୁଭବ କଲେଣି ବୋଲି ବିଜେଡି କହିଛନ୍ତି । ଦିନକୁ ଦିନ ସରକାର ବିରୋଧୀ ସ୍ୱର ତେଜୁଥିବା ବେଳେ, ଏହାକୁ ବିଜେଡି ଆହୁରି ଶାଣିତ କରିବ ବୋଲି ଦଳ କହିଛି ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରୁ ମହିଳାଙ୍କ ଫେରିବା ବିଳମ୍ବ ହେବାରୁ ନିର୍ବାହୀ ଅଧିକାରୀଙ୍କୁ ମାଡ଼

ଭୁବନେଶ୍ୱର,୯।୬(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳା ସଦସ୍ୟ ଡେରିରେ ଫେରିବାରୁ ନିର୍ବାହୀ ଅଧିକାରୀଙ୍କୁ ମାଡ଼। ଘଟଣା ଘଟିଛି ସୁବର୍ଣ୍ଣପୁର ବୀରମହାରାଜପୁର ଅଞ୍ଚଳରେ । ଏନେଇ ଥାନାରେ ମାମଲା ରୁଜୁ ହୋଇଛି ।ଗତ ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିଭିନ୍ନ ଅଞ୍ଚଳରୁ ସାଧାରଣ ଲୋକ, ବିଭିନ୍ନ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳା ଆସିଥିଲେ । ମୂର୍ଶୁଣ୍ଡି ପଞ୍ଚାୟତର ମାଣିକପୁର ଗାଁରୁ କିଛି ମହିଳା ଗୋଷ୍ଠୀର ସଦସ୍ୟଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯାଇଥିଲେ । ସେମାନେ ବିଳମ୍ବରେ ଫେରିବାରୁ କିଛି ମହିଳାଙ୍କ ସ୍ୱାମୀ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ଟ୍ରାଫିକ ସମସ୍ୟା ଯୋଗୁଁ ଫେରିବାରେ ବିଳମ୍ବ ହୋଇଥିବା କହିଛନ୍ତି ପିଇଓ । ଅନ୍ୟପଟେ ସଂପୃକ୍ତ ପିଇଓ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲେ ବି ପୋଲିସ ଏତଲା ରଖୁ ନଥିବା ଅଭିଯୋଗ ହୋଇଛି ।

## ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର ; ଶ୍ରୀମନ୍ଦିରରେ ପ୍ରବେଶ କଲେ ଦଇତାପତି ସେବକ

ପୁରୀ,୯।୬(ପି.ଏନ): ଆସନ୍ତା ବୁଧବାର ସ୍ନାନପୂର୍ଣ୍ଣିମା । ଶ୍ରୀଜିଉଙ୍କ ସ୍ନାନଯାତ୍ରା । ସ୍ନାନବେଦୀରେ ଭକ୍ତଙ୍କୁ ଦର୍ଶନ ଦେବେ ମହାପ୍ରଭୁ। ତେବେ ସେହିକ୍ରମରେ ଆଜି ଶ୍ରୀମନ୍ଦିରରେ ଦଇତା ପ୍ରବେଶ ନୀତି ଅନୁଷ୍ଠିତ ହୋଇଯାଇଛି । ତେଣୁ ମହାପ୍ରଭୁଙ୍କ ଗୁପ୍ତ ସେବା କରିବା ପାଇଁ ଆଜି ତ୍ରୟୋଦଶୀ ତିଥିରେ ଦଇତାମାନେ ମନ୍ଦିର ପ୍ରବେଶ କରିଛନ୍ତି । ଆଜି ଦଇତାପତି ମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସାନିଧ୍ୟ ଲାଭ କରିଛନ୍ତି । ଆଜିଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଦଇତାପତିଙ୍କର ରହିଛି ଗୋଷ୍ଠୀଗତ ସେବା । ଶ୍ରୀଜିଉଙ୍କ ଶ୍ରୀଅଙ୍ଗରକ୍ଷକ ଭାବେ ପରିଚିତ ଦଇତାପତି ସେବକ ସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନବଯୌ?ବନ ଦର୍ଶନ, ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା, ସୁନାବେଶ,



ଅଧରପଣା ଓ ନୀଳାଦ୍ରି ବିଜେର ସମସ୍ତ ନୀତି ନିର୍ବାହ କରିବାର ପ୍ରଥା ରହିଛି । ଦଇତା ପ୍ରବେଶ ପରେ ଶ୍ରୀଜିଉଙ୍କ ବଡସିଂହାର ଭୋଗ, ପହୁଡ ଆଳତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖକୁ ଶ୍ରୀମୁଖ ଖଣ୍ଡୁଆରେ ଢାଙ୍କି ସବୁ ନୀତି କରାଯିବ । ବଡସିଂହାର ପରେ ଦଇତା ସେବକମାନେ ପ୍ରଭୁଙ୍କ ବାହୁଟକଣ୍ଠ ନୀତି ସଂପାଦନ କରିବେ । ପରେ କୋଠ ସୁଆସିଆଁ ସେବକମାନେ ରତ୍ନ ସିଂହାସନରେ ଚାର ବାନ୍ଧିବାକୁ ଗର୍ଭଗୃହକୁ ପ୍ରବେଶ କରିବେ ଏବଂ ଚାର ବନ୍ଧାଯିବା ପରେ ଦଇତାପତିମାନେ ପ୍ରଭୁଙ୍କ ସେନାପଟା ବାନ୍ଧିବା ନୀତି ସଂପନ୍ନ କରିବେ । ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦେବ ସ୍ନାନ ଯାତ୍ରା ପରେ ଦଇତାପତି ସେବାୟତମାନେ ଶ୍ରୀମନ୍ଦିର ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ଗୁପ୍ତ ଅନବସର ସେବା କରିବେ । ନବଯୌ?ବନ ଦର୍ଶନ ପରେ ଦଇତା ସେବକମାନେ ରଥଯାତ୍ରାରେ ମହାପ୍ରଭୁଙ୍କୁ ରଥ ଉପରକୁ ପହଣ୍ଡି ବିଜେ କରାଇବାର ବିଧି ରହିଛି ।

## ମୋଦି ସରକାରର ୧୧ ବର୍ଷ, ମୋହନ ସରକାରର ଏକ ବର୍ଷ ପାଳନ ପାଇଁ ବିଜେପିର ପ୍ରସ୍ତୁତି

ଭୁବନେଶ୍ୱର,୯।୬(ପି.ଏନ) କେନ୍ଦ୍ରରେ ମୋଦି ସରକାରକୁ ୧୧ ବର୍ଷ ଓ ରାଜ୍ୟରେ ମୋହନ ସରକାରକୁ ବର୍ଷେ? ପୂରୁଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ ଲୋକଙ୍କ ପାଖକୁ ନେବାକୁ ଖସଡା ପ୍ରସ୍ତୁତ କରିଛି ବିଜେପି । ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମାବେଶ କରିବ ବିଜେପି । ଜୁନ୍ ୯ରୁ ଜୁନ୍ ୧୯ ଯାଏଁ ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ । ଜୁନ୍ ୨୦ରେ ଭୁବନେଶ୍ୱର ଜନତା ମଇଦାନରେ ହେବାକୁ ଥିବା ସମାବେଶରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏସବୁ କାର୍ଯ୍ୟକ୍ରମକୁ ସଫଳ କରିବାକୁ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବସିଛି ପ୍ରସ୍ତୁତି ବୈଠକ । ବର୍ଷ ଏକ, ଉପଲବ୍ଧି ଅନେକ । ରାଜ୍ୟରେ ପ୍ରଥମ ଥର ପାଇଁ ଆସିଥିବା ବିଜେପି ସରକାର ପାଳିବ ବର୍ଷ ପୂର୍ତ୍ତି । ବର୍ଷକରେ ବିଭିନ୍ନ କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ବିଷୟରେ ଲୋକଙ୍କୁ ଜଣାଯିବ । ଏହାସହ କେନ୍ଦ୍ରରେ ମୋଦୀ ସରକାରର ୧୧ ବର୍ଷ ପୂର୍ତ୍ତିକୁ ମଧ୍ୟ ବିଜେପି ଧୂମଧାମରେ ପାଳନ କରିବାକୁ ଯୋଜନା କରିଛି ।

## ରାଜ୍ୟ ବିଜେପି ସରକାରର ମନ୍ତ୍ରୀଙ୍କ ରିପୋର୍ଟ କାର୍ଡକୁ ନେଇ ବିଜେଡି ଓ କଂଗ୍ରେସର ଟାର୍ଗେଟ

ଭୁବନେଶ୍ୱର,୯।୬(ପି.ଏନ): ବର୍ଷପୂର୍ତ୍ତି ପାଇଁ ବିଜେପି ଶିବିର ଉତ୍ସବ ମୁଖର । ବର୍ଷକ ଭିତରେ ମନ୍ତ୍ରୀମାନେ ନିଜ ବିଭାଗକୁ ନେଇ କ'ଣ କାମ କରିଛନ୍ତି ସେ ନେଇ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ କାର୍ଡ ଦେଇଛନ୍ତି । ବିଧାୟକମାନେ ମଧ୍ୟ ନିର୍ବାଚନ ମଣ୍ଡଳି ପାଇଁ କ'ଣ କରିଛନ୍ତି ତାହାର ରିପୋର୍ଟ କାର୍ଡ ଦେବେ । କିଛି ମନ୍ତ୍ରୀ ବିଭାଗର ସଫଳତାକୁ ନେଇ ବେଶ ଖୁସି ଥିବା ବେଳେ ବହୁ ମନ୍ତ୍ରୀ ବର୍ଷେ? ଭିତରେ ସେମିତି କିଛି ଆଖିଦୃଶିଆ କାମ କରିବା ପାଇଁ ସମୟ ପାଇଲେ ନାହିଁ ବୋଲି ମାନିଛନ୍ତି । ସେପଟେ ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ରିପୋର୍ଟ କାର୍ଡ ନେଇ ବିରୋଧୀ ଖୁସି ନାହାନ୍ତି । ମନ୍ତ୍ରୀଙ୍କ ରିପୋର୍ଟ କାର୍ଡରେ ସଫଳତା ଅପେକ୍ଷା ବିଫଳତାର ଲମ୍ବା ତାଲିକା ଜଳଜଳ କରି ଦିଶୁଛି ବୋଲି ବିଜେଡି ଅଭିଯୋଗ କରିଛି । ସେହିପରି କଂଗ୍ରେସ ଶାସକ ଦଳର ରିପୋର୍ଟ କାର୍ଡ ଉପରେ ଚାର୍ଜସିଟ ଦେବ ବୋଲି କହିଛି ।ଧାନ ମଣ୍ଡି ସମସ୍ୟା, କଟନୀ ଛଟନୀ, ଆଳୁ ଦର,



ଧାନ କିଣା ପରେ ଚାଷୀଙ୍କ ଟଙ୍କା, ରାସନ୍ କାର୍ଡ ଆଦି ପ୍ରସଙ୍ଗରେ ବର୍ଷ ତମାମ ଚର୍ଚ୍ଚକ୍ଷରେ ଅଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ପଶ୍ଚିମରୁ ଉପକୂଳ ସବୁଠି ଆନ୍ଦୋଳନରେ ଚାଷୀ । ଏହାରି ଭିତରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କର ରିପୋର୍ଟ କାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି । ରିପୋର୍ଟ କାର୍ଡକୁ ନେଇ ସେ ବେଶ ଆଶାବାଦୀ । ନିଜ ବିଭାଗରେ ସେ ସନ୍ତୁଷ୍ଟ ବୋଲି କହିଛନ୍ତି । ସେହିପରି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ବର୍ଷେ? ଭିତରେ ୬ମାସ ସେ ନିଜ ବିଭାଗ ପାଇଁ କାମ କରିଛନ୍ତି । ଯାହା ସମସ୍ୟା ଆସିଥିଲା ତାହାର ସମାଧାନ ପାଇଁ କାମ କରିଛନ୍ତି । ଆଗକୁ ଅଧିକ ସକ୍ରିୟ କରିବେ ସମବାୟ ବିଭାଗକୁ । ମନ୍ତ୍ରୀଙ୍କ ପରି କିଛି ଶାସକ ଦଳର ବିଧାୟକ ରିପୋର୍ଟ କାର୍ଡ ଦେବାକୁ ଅଣ୍ଟା ଭିଡିଛନ୍ତି କ୍ଷ ବର୍ଷେ? ଭିତରେ କ'ଣ ପ୍ରଦର୍ଶନ ରହିଛି ତାହା ରିପୋର୍ଟ କାର୍ଡ ଜରିଆରେ ଲୋକଙ୍କୁ ଦେବୁ ବୋଲି ବିଧାୟକ ଈରାଶିଷ ଆଚାର୍ଯ୍ୟ କହିଛନ୍ତି । ସେପଟେ ମନ୍ତ୍ରୀମାନେ ସେମାନଙ୍କ ରିପୋର୍ଟ କାର୍ଡରେ କ'ଣ ଉଲ୍ଲେଖ କରିଛନ୍ତି ତାହା ସାର୍ବଜନୀନ କରାଯାଉ ବୋଲି ବିଜେଡି ଦାବି କରିଛି । ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବର୍ଷେ? ଭିତରେ ରାଜ୍ୟର ସରକାରଙ୍କ ମନ୍ତ୍ରୀମାନେ କ'ଣ କରିଛନ୍ତି ତାହା ରାଜରାସ୍ତାରେ ଚାଷୀ ଆନ୍ଦୋଳନ କରିବାକୁ ସ୍ପଷ୍ଟ ଜଣାପଡୁଛି । ଓଡିଶାର ବିକାଶ ସଂପୂର୍ଣ୍ଣ ଠପ ହୋଇଥିବା ବେଳେ ମନ୍ତ୍ରୀମାନେ ନିଜ ବିଭାଗ ସମ୍ଭାଳିବାରେ ବିଫଳ ହୋଇଛନ୍ତି । ଧାନର କଟନୀ ଛଟନୀ, ଦରଦାମ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ନିର୍ଯାତନା, ବେକାରୀଙ୍କୁ ନିଯୁକ୍ତି ନେଇ ବର୍ଷେ? ଭିତରେ ମନ୍ତ୍ରୀମାନେ କ'ଣ କରିଛନ୍ତି ତାହା ଓଡିଶାବାସୀ ବୁଝିଲେଣି ବୋଲି ବିଜେଡି କହିଛି । ତେଣୁ ଶାସକ ଦଳ ରିପୋର୍ଟ କାର୍ଡ ଓ ଉତ୍ସବ କରନ୍ତୁ ବୋଲି କହି ଦେବୀ ମିଶ୍ର କଟାକ୍ଷ କରିଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଶାସକ ଦଳ ରିପୋର୍ଟ କାର୍ଡ ଦେଲେ ଆମେ ତାଙ୍କ ବିରୋଧରେ ଚାର୍ଜସିଟ ଦେବୁ । ବର୍ଷେ ହେବ ମନ୍ତ୍ରୀମାନେ କ'ଣ କରିଛନ୍ତି ମୁଖ୍ୟମନ୍ତ୍ରୀ ତାର ତର୍ଜମା କରିବେ । ସେପଟେ ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟ ଶାସକ ଦଳର ରିପୋର୍ଟ କାର୍ଡ ରାଜନୀତିକୁ ଫୁଲ ଦମରେ କାଉଣ୍ଟର କରୁଛନ୍ତି ।

## ଓଡ଼ିଶା ସଙ୍ଗଠନକୁ ଗୁଜରାଟ ଢାଞ୍ଚାରେ ଗଢ଼ିବ ରାଜ୍ୟ କଂଗ୍ରେସ

ଭୁବନେଶ୍ୱର,୯।୬(ପି.ଏନ): ଗୁଜରାଟ କଂଗ୍ରେସ ଢାଞ୍ଚାରେ ଓଡ଼ିଶାରେ ସଙ୍ଗଠନ ଗଢିବ ରାଜ୍ୟ କଂଗ୍ରେସ । ତୃଣମୂଳ ସ୍ତରରେ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ଅଣ୍ଟା ଭିଡ଼ିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଓଡିଶାରେ କଂଗ୍ରେସକୁ ଶକ୍ତିଶାଳୀ କରିବା ପାଇଁ ବାହାର ରାଜ୍ୟର ନେତାଙ୍କ ସହ ଜିଲ୍ଲା ଦାୟିତ୍ୱରେ ଥିବା ଦଳର ଉପସଭାପତି ଓ ବରିଷ୍ଠ ନେତାଙ୍କୁ ଦଳ ଦାୟିତ୍ୱ ଦେଇଛି । ସେମାନେ ଜିଲ୍ଲା ସଭାପତି ଚୟନ କରିବା ସହ ତୃଣମୂଳସ୍ତରରେ ନେତା ବାଛିବେ । ଯାହାକୁ ନେଇ ଦଳ ଭିତରେ ନୂଆ ଜୋସ ଦେଖିବାକୁ ମିଳିଛି ।ଦାୟିତ୍ୱ ନେବାର ୫ ମାସ ପରେ ବି ଜିଲ୍ଲା ସଭାପତି ବାଛିପାରୁନାହାନ୍ତି ପିସିସି ସଭାପତି । କିଏ ଜିଲ୍ଲା ସଙ୍ଗଠନର ମଙ୍ଗ ଧରିଲେ ତୃଣମୂଳ ସ୍ତରରେ କଂଗ୍ରେସ ସଶକ୍ତ ହେବ ସେ ନେଇ କସରତ ଆରମ୍ଭ କରିଛି ଦଳ । ଗୁଜରାଟ ଢାଞ୍ଚାରେ ଓଡିଶାର ତୃଣମୂଳ ସଙ୍ଗଠନ



ସଜାଡିବାକୁ ପିସିସି ସଭାପତି ଅଣ୍ଟା ଭିଡିଛନ୍ତି । ଦଳ ଦାୟିତ୍ୱରେ ଥିବା ବରିଷ୍ଠ ନେତାଙ୍କ ସହ ପଡୋଶୀ ରାଜ୍ୟର ନେତାଙ୍କୁ ଜିଲ୍ଲା ସଭାପତି ଚୟନ ଦାୟିତ୍ୱ ଦେଇଛନ୍ତି ପିସିସି ସଭାପତି । ଜିଲ୍ଲା ଦାୟିତ୍ୱରେ ଥିବା ନେତାମାନେ ଜିଲ୍ଲାସ୍ତରରେ ସଭା ସମିତି କରି ଜିଲ୍ଲା ସଭାପତି ବାଛିବେ ।ତୃଣମୂଳ ସ୍ତରରେ କଂଗ୍ରେସ ସଂଗଠନ ମଜଭୁତ କରିବା ପାଇଁ ନେତାଏ ଲାଗି ପଡିଛନ୍ତି କ୍ଷ ରାଜ୍ୟବ୍ୟାପୀ ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ଆରମ୍ଭ ହେବ ପ୍ରକ୍ରିୟା । ରଜ ଉତ୍ସବ ପରେ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟାକୁ ଜୋରଦାର କରିବେ ଦାୟିତ୍ୱରେ ଥିବା ନେତା । ଉପକୂଳ ଜିଲ୍ଲାରୁ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଏଥିଲାଗି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ରାଜ୍ୟ କଂଗ୍ରେସ ।ରାଜ୍ୟରେ ଅସଜଡା କଂଗ୍ରେସ ସଙ୍ଗଠନକୁ ସଜାଡିବା ପାଇଁ ପିସିସି ସଭାପତି ଏଆଇସିସି ପରି ବିଭିନ୍ନ ମଡେଲକୁ କାର୍ଯ୍ୟକାରୀ କରୁଛନ୍ତି । ତେବେ ଗୁଜୁରାଟ ମଡେଲ ଓଡ଼ିଶାରେ ନେତା ଚୟନରେ କେତେ ସହାୟକ ହେବ ତାକୁ ନେଇ ଦଳ ମଧ୍ୟରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା ।






# ଦଉଡ଼ିଡିଆଁରେ ବିଶ୍ୱ ରେକର୍ଡ

ଦୀର୍ଘ ୧୦ ବର୍ଷ ହେଲା ଦଉଡ଼ିଡିଆଁ (ସ୍କିପିଂ)ରେ ରହିଥିବା ବିଶ୍ୱ ରେକର୍ଡକୁ ଜଣେ ଚୀନା କିଶୋର ଭାଙ୍ଗି ଦେଇଛନ୍ତି। ଚୀନ୍‌ର ନିଙ୍ଗବୋ ପ୍ରଦେଶ ଅନ୍ତର୍ଗତ ୟୁୟାଓ ସହରରେ ରହୁଥିବା ଝୋଉ କାଇ ନାମକ ୧୬ ବର୍ଷୀୟ ବାଳକ ଏକ ମିନିଟ୍‌ରେ ୩୭୪ ଥର ସ୍କିପିଂ କରି ଗିନିଜ୍ ବିଶ୍ୱ ରେକର୍ଡରେ ନିଜର ନାମ ଲିପିବଦ୍ଧ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଜାପାନର ଦାଇସୁକ୍ ମିମୁରାଙ୍କ ନାମରେ ରହିଥିଲା, ଯିଏ ୨୦୨୩ ମସିହାରେ ଏକ ମିନିଟ୍‌ରେ ୩୪୮ ଥର ସ୍କିପିଂ କରିପାରିଥିଲେ। ଝୋଉ କାଇ ସ୍ୱତଃପ୍ରବୃତ୍ତ ଭାବେ ମିମୁରାଙ୍କ ରେକର୍ଡ ଭାଙ୍ଗିବା ଉଦ୍ୟମରେ ଲାଗିପଡ଼ିଥିଲେ ଏବଂ ଏହାର ପ୍ରଚାର ପ୍ରସାର ପାଇଁ ସେ ବନ୍ଧୁମାନଙ୍କର ସହାୟତା ଲୋଡ଼ିଥିଲେ। ଗିନିଜ୍‌ର ରେକର୍ଡ ପରିଚାଳନା ଦଳ ସହିତ ଅନ୍‌ଲାଇନ୍‌ରେ ଯୋଗାଯୋଗ କରିବା ପରେ ସେ ଦ୍ୱିତୀୟ ପ୍ରୟାସରେ ହିଁ ଏହି ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ତେବେ ପୂର୍ବରୁ ସେ ବିଦ୍ୟାଳୟସ୍ତରୀୟ ଏକ ପ୍ରତିଯୋଗିତାରେ ମିନିଟ୍‌କୁ ୩୯୮ ଥର ସ୍କିପିଂ କରିଥିଲେ ବୋଲି ଜଣାଯାଇଛି, ମାତ୍ର ଏଭଳି ଅପ୍ରତ୍ୟାଶିତ ଘଟଣା ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ପାଇଁ ସେତେବେଳେ କୌଣସି ବ୍ୟବସ୍ଥା କରାଯାଇନଥିଲା। ସେ ଦୀର୍ଘ ସାତ ବର୍ଷ ହେଲା ନିଜ ବିଦ୍ୟାଳୟର ସ୍କିପିଂ ଦଳରେ ରହିବା ସହ ପ୍ରଦେଶ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାମାନଙ୍କରେ ଭାଗ ନେଇ ଆସୁଛନ୍ତି। ଏବେ ସପ୍ତାହକୁ ଦୁଇ ଦିନ ପ୍ରଶିକ୍ଷଣ ନେଉଥିବା ଝୋଉ କାଇ ଭବିଷ୍ୟତରେ ନିଜ ପ୍ରଶିକ୍ଷକଙ୍କ ଭଳି ଜଣେ ସ୍କିପିଂ କୋଚ୍ ହେବେ ବୋଲି କହିଛନ୍ତି। ଆଗକୁ ସେ ନିଜର ସ୍କିପିଂ ରେକର୍ଡ ଭାଙ୍ଗିବାକୁ ମଧ୍ୟ ଚେଷ୍ଟା କରିବେ ବୋଲି ଆଶା ରଖିଛନ୍ତି।





# କ୍ୟାଟ୍ରିନାଙ୍କ ପାଇଁ ବର୍ବାଦ ହୋଇଗଲା ମୋ କ୍ୟାରିୟର: ଜରିନ୍



ବର୍ତ୍ତମାନ ଷ୍ଟାରମାନେ ସୋସିଆଲ ମିଡିଆରେ ପ୍ରଶଂସକଙ୍କ ସହିତ ସିଧାସଳଖ ସଂଯୋଗ କରିବା ସହ ଆସ୍କ ମି କ୍ୱୋଚିନ୍ ସେସନ କରନ୍ତି। ଏଭଳି ଏକ ଲୋକପ୍ରିୟ ପ୍ଲାଟଫର୍ମ ରେଡ୍ଡିଟରେ ବଲିଉଡ ଅଭିନେତ୍ରୀ ଜରିନ୍ ଖାନ୍ ତାଙ୍କ ପ୍ରଶଂସକଙ୍କ ସହ ମୁହାଁମୁହିଁ ହୋଇଥିଲେ। ସେ ତାଙ୍କ କ୍ୟାରିୟର ଏବଂ ବ୍ୟକ୍ତିଗତ ଜୀବନ ବିଷୟରେ ପ୍ରଶଂସକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏଥିରେ ସେ ନିଶ୍ଚିତ ହୋଇଥିଲେ ଯେ କ୍ୟାଟ୍ରିନାଙ୍କ ସହ ତାଙ୍କର ତୁଳନା ତାଙ୍କ କ୍ୟାରିୟରକୁ କ୍ଷତି ପହଂଚାଇଛି। ସୂଚନାଯୋଗ୍ୟ ଯେ ଚଳଚ୍ଚିତ୍ର ଭୀର (୨୦୧୦) ରେ ନିର୍ଦ୍ଦେଶକ ଅନିଲ ଶର୍ମା ସଲମାନ ଖାନଙ୍କ ସହ ଜରିନ ଖାନଙ୍କୁ ଲଞ୍ଚ କରିଥିଲେ। ପ୍ରଥମ ଚଳଚ୍ଚିତ୍ରରେ ଲୋକମାନେ ଜରିନ୍‌ଙ୍କ ଠାରେ କ୍ୟାଟ୍ରିନାଙ୍କ ଝଲକ ଦେଖିଥିଲେ ଏବଂ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ସେହି ଦିନ ଜରିନଙ୍କ ସହ ସଲମାନଙ୍କ ଘନିଷ୍ଠତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଯେତେବେଳେ ଜରିନ୍ ରେଡିରେ ଆଇଟମ୍ ଡ୍ୟାନ୍ସ କଲେ। କିନ୍ତୁ କ୍ୟାଟ୍ରିନାଙ୍କ ସହ ତାଙ୍କ ତୁଳନା ଜରିନଙ୍କର କ୍ଷତି ହୋଇଥିଲା ଏବଂ ଦର୍ଶକ ତାଙ୍କ ଠାରୁ ଦୂରେଇ ରହିଲେ। ଜରିନ୍ କହିଛନ୍ତି ଯେ କ୍ୟାଟ୍ରିନାଙ୍କ ତୁଳନାରେ ସେ ପ୍ରଥମେ ଖୁସି ଅନୁଭବ କରିଥିଲେ, କିନ୍ତୁ ପରେ ହୃଦୟଙ୍ଗମ କରିଥିଲେ ଯେ ଏହା ତାଙ୍କ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା। ବାର୍ତ୍ତାଳାପରେ ଜରିନ୍ କହିଛନ୍ତି ଯେ ମୁଁ ଯେତେବେଳେ ବଲିଉଡକୁ ଆସିଥିଲି, ସେତେବେଳେ ମୁଁ ଏହା ବିଷୟରେ କିଛି ଜାଣି ନ ଥିଲି। ପରେ ଏହା ବୁଝିପାରିଲି ଯେ ଏହି ତୁଳନା ବହୁତ ଖରାପ ଥିଲା। ବଲିଉଡରେ ହାଉସଫୁଲ୍ ୨, ଆକ୍ସର-୨ ଏବଂ ୧୯୨୧ ଭଳି ଚଳଚ୍ଚିତ୍ର ପରେ ଜରିନ୍ ରିଜନାଲ ଫିଲ୍ମର ରାସ୍ତା ନେଇଥିଲେ। ପଞ୍ଜାବୀରେ ଜଟ୍ ଜେମ୍ସ ବଣ୍ଡ ଏବଂ ତେଲୁଗୁରେ ଚାଣକ୍ୟ ଭଳି ସଫଳ ଚଳଚ୍ଚିତ୍ରରେ ଅଭିନୟ କରିବା ସତ୍ୱେ ତାଙ୍କର ବହୁତ କଷ୍ଟକର ହୋଇପଡିଥିଲା। ପ୍ରଶଂସକଙ୍କ ସହ କଥାବାର୍ତ୍ତା କରୁଥିବାବେଳେ ଜରିନ୍ ବଲିଉଡରେ ଆତ୍ମୀୟତା ବିଷୟରେ ମଧ୍ୟ କହିଥିଲେ। ସେ କହିଛନ୍ତି ଯେ ପ୍ରତିଭା ଅପେକ୍ଷା ଏଠାରେ ବନ୍ଧୁତାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହା ମୋ ପାଇଁ ଏକ ବଡ ସମସ୍ୟା ଥିଲା।

# ଗୌରୀଙ୍କ ପାଇଁ ଶାହାରୁଖ ବଦଳାଇଥିଲେ ନିଜର ନାମ



ବଲିଉଡର ବାଦଶାହ୍ ଶାହରୁଖ ଖାନ। ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଯୱାନ' ପାଇଁ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ତାଙ୍କ ଫିଲ୍ମ ୭ ସେପ୍ଟେମ୍ବରରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି। ତାଙ୍କ ପ୍ରଶଂସକମାନେ ଚଳଚ୍ଚିତ୍ରକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଏହି ସମୟ ମଧ୍ୟରେ ଶାହରୁଖଙ୍କ ଏକ ପୁରୁଣା କାହାଣୀ ସାମ୍ନାକୁ ଆସିଛି। ଆପଣ ଜାଣନ୍ତି କି ଶାହାରୁଖ ଖାନ ଥରେ ତାଙ୍କ ନାମ 'ଜିତେନ୍ଦ୍ର କୁମାର ତୁଲି' ରେ ପରିବର୍ତ୍ତନ କରିଥିଲେ। ଶାହରୁଖ ଖାନ ଏବଂ ଗୌରୀ ଖାନ ଏକ ଅନ୍ତର ଧାର୍ମିକ ବିବାହ କରିଛନ୍ତି। ଦୁହେଁ ପ୍ରଥମେ ଆର୍ଯ୍ୟ ସମାଜ ଅନୁଯାୟୀ ବିବାହ କରିଥିଲେ। ପରେ ନିକା ଏବଂ କୋର୍ଟ ମ୍ୟାରେଜ୍ କରିଥିଲେ। ଆର୍ଯ୍ୟ ସମାଜ ଅନୁଯାୟୀ ବିବାହ କରୁଥିବାବେଳେ ଶାହରୁଖ ଖାନ ତାଙ୍କ ନାମ 'ଜିତେନ୍ଦ୍ର କୁମା ତୁଲି' ରେ ପରିବର୍ତ୍ତନ କରିଥିଲେ। ବିବାହ ସମୟରେ ଗୌରୀ ନିଜ ପାଇଁ ମୁସଲମାନ ନାମ 'ଆୟେଶା' ବାଛିଥିଲେ। କିନ୍ତୁ, ପ୍ରଶ୍ନ ଉଠୁଛି ଯେ ଶାହରୁଖ ଖାନ ନିଜ ପାଇଁ 'ଜିତେନ୍ଦ୍ର କୁମାର ତୁଲୀ' କାହିଁକି ବାଛିଲେ? ମୁସ୍ତାଖ୍ ଶେଖଙ୍କ ପୁସ୍ତକ 'କାହାନୀ ଶାହରୁଖ ଖାନ କି' ଅନୁଯାୟୀ, ଶାହରୁଖ ଖାନ ହିନ୍ଦୀ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଦୁଇଜଣ ଭେଟେରାନ ଅଭିନେତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହି ନାମ ବାଛିଥିଲେ। ତାଙ୍କ ଜେଜେମା ବିଶ୍ୱାସ କରୁଥିଲେ ଯେ ସେ ବଲିଉଡ ଅଭିନେତା ଜିତେନ୍ଦ୍ରଙ୍କ ପରି ଦେଖାଯାଉଥିଲେ। ତେଣୁ ସେ ତାଙ୍କର ପ୍ରଥମ ନାମ ଜିତେନ୍ଦ୍ର ରଖିଲେ ତୁଲି ଏଥିପାଇଁ ରଖିଥିଲେ ରାଜେନ୍ଦ୍ରଙ୍କର ଅସଲି ନାମ ଥିଲା। ଖୁବ୍ କମ୍ ଲୋକ ଜାଣନ୍ତି ଯେ ଅଭିନେତାଙ୍କର ସମ୍ପୂର୍ଣ୍ଣ ନାମ ହେଉଛି ରାଜେନ୍ଦ୍ର କୁମାର ତୁଲି।

# ଜାପାନର ଝିଅମାନେ କାହିଁକି ପତଳା ?



କୌଣସି ମଣିଷ ପାଇଁ ସୌନ୍ଦର୍ଯ୍ୟର ମାପ ନଥାଏ। ତଥାପି କିଛି ଲୋକ ପତଳା ଏବଂ ଫିଟ୍ ଝିଅମାନଙ୍କୁ ଅଧିକ ପସନ୍ଦ କରନ୍ତି। ଯଦି ଆମେ ଏହି ବର୍ଗର ମହିଳାମାନଙ୍କ ବିଷୟରେ ଆଲୋଚନା କରିବା। ତେବେ ଜାପାନର ନାମ ଶୀର୍ଷରେ ଆସିଥାଏ। ଏସିଆର ଏହି ଦେଶରେ ଝିଅମାନେ କେବଳ ଫିଟ୍ ନୁହନ୍ତି ବରଂ ସେମାନେ ସହଜରେ ୧୦୦ ବର୍ଷ ବଂଚିପାରିବେ। ଆସନ୍ତୁ ଜାଣିବା ଜାପାନ ଝିଅମାନେ କାହିଁକି ଏତେ ପତଳା ?

୧- ଜାପାନର ଲୋକମାନେ ଛୋଟ ଭାଗରେ ଅର୍ଥାତ୍ ବହୁତ ଅଳ୍ପ ଖାଇବାକୁ ପସନ୍ଦ କରନ୍ତି। ଏହି ପ୍ରକାରର ଖାଇଲେ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ଦେଶର ଲୋକମାନେ ଛୋଟ ଆକାରର ପ୍ଲେଟରେ ଖାଆନ୍ତି। ଯାହା ଦ୍ୱାରା ସେମାନେ ଅଧିକ ଖାଦ୍ୟ ଖାଇ ପାରିବେ ନାହିଁ।

୨- ଗ୍ରୀନ୍ ଟି ଦୁନିଆର ଅନେକ ସ୍ଥାନରେ ପିଅନ୍ତି। କିନ୍ତୁ ଜାପାନର ଲୋକମାନେ ଏହାକୁ ବହୁତ ପସନ୍ଦ କରନ୍ତି।। ସେଟାରେ ଏହାକୁ ମାଚା ବୋଲି କୁହାଯାଏ। ଗ୍ରୀ ଟିକୁ ସ୍ୱାସ୍ଥ୍ୟକର ବୋଲି ମାନନ୍ତି। ଏଥିରେ ପ୍ରଚୁର ପରିମାଣରେ ଆଂଟିଅକ୍ସିଡାଂଟ ମିଳିବା ସହିତ ଏହା ଆମକୁ ଫ୍ରି ରେଡିକାଲରୁ ସୁରକ୍ଷା ମିଳେ। ଗ୍ରୀନ୍ ଟି ପିଇବା କେବଳ ଓଜନ ହ୍ରାସ କରେ ନାହିଁ, ବରଂ ବାର୍ଦ୍ଧକ୍ୟର ପ୍ରଭାବକୁ ମଧ୍ୟ ମନ୍ଥର କରିଥାଏ।

୩- ଜାପାନର ଲୋକମାନେ ଦହୀ, ଲସି, କିମଚି, କମ୍ବୁଚା, ନାଟୋ ଭଳି ଖଟା ଜିନିଷ ଖାଇବାକୁ ପସନ୍ଦ କରନ୍ତି। ଏହିପରି ଖାଦ୍ୟରେ ଭିଟାମିନ୍ ବି, ଏନଜାଇମ୍, ଓମେଗା -୩ ଫ୍ୟାଟି ଏସିଡ୍ ଥାଏ। ଯାହା ଶରୀରକୁ କେବଳ ସୁସ୍ଥ ରଖେ ନାହିଁ ବରଂ ଚର୍ବି ଜମାକୁ ମଧ୍ୟ ରୋକିଥାଏ।୪- ମାଂସ ଖାଇବା ଅପେକ୍ଷା ସାମୁଦ୍ରିକ ମାଛ ଖାଇବାକୁ ବେଶି ପସନ୍ଦ କରନ୍ତି। କାହିଁକି ନା ଏହା ପ୍ରୋଟିନର ଏକ ଉତମ ଉତ୍ସ ଭାବରେ ବିବେଚନା କରାଯାଏ। କାରଣ ଏହା ମଧୁମେହ, ଉଚ୍ଚ କୋଲେଷ୍ଟ୍ରଲ, ମୋଟାପଣ ଏବଂ ହୃଦରୋଗର ଆଶଙ୍କା କମ କରିଥାଏ। ଏଥିପାଇଁ ସି ଫୁଡ୍ ଅଧିକ ଖାଇଥାଆନ୍ତି।୫-




# ଖ୍ୱଚିଂ ଠାରେ ମା କିଚକେଶ୍ୱରୀ ସେବା ସଦନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



କରଞ୍ଜିଆ,(ପି.ଏନ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକ ର ଖ୍ୱଚିଂ ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମାଁ କିଚକେଶ୍ୱରୀ ସେବା ସଦନ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଦା ଗ୍ରେଟାର ଟୁରିଜିମ ଡେଭଲୋପମେଣ୍ଟ ର ସାଧାରଣ ସମ୍ପାଦକ ତଥା ମାଁ କିଚକେଶ୍ୱରୀ ସେବା ସଦନ ର ସଭାପତି ଶ୍ରୀଯୁକ୍ତ ସୁମନ୍ତ କୁମାର ଗିରି,ସେବାସଦନ ସମ୍ପାଦକ ଶ୍ରୀଯୁକ୍ତ ହିମାଂଶୁ କୁମାର ନାଏକ, ଉପଦେଷ୍ଟା ଶ୍ରୀଯୁକ୍ତ ନଗେନ ଚନ୍ଦ୍ର ପାଲ ଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ରକ୍ତଦାନ ଶିବିର ରେ ଖ୍ୱଚିଂ ସରପଞ୍ଚ ଅଙ୍କିତା ବେହେରା, ଶିକ୍ଷୟତ୍ରୀ ସୁରୁଚି ଗିରି, ସଞ୍ଜୟ ଗିରି ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ଭାବେ ନିଜ ରକ୍ତଦାନ କରିବା ସହ ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ର ଡାକ୍ତର ଡା: ସ୍ୱୟଂପ୍ରଭା ପୃଷ୍ଟି ଙ୍କ ତତ୍ତ୍ୱାବଧାନରେ ରକ୍ତଦାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଉପଖଣ୍ଡ ଚିକିତ୍ସାଳୟ ରକ୍ତକେନ୍ଦ୍ର ରୁ ଶ୍ରୀ ରଜତ କୁମାର ମହାକୁଡ଼, ସୁମନ୍ତ ମହାନ୍ତ, ମାନସ ରଞ୍ଜନ ବାରିକ, ସଞ୍ଜୀବ କୁମାର ମହାନ୍ତ, ମନୋଜ କୁମାର ରାଉତ ପ୍ରମୁଖ ରକ୍ତସଂଗ୍ରହ କରିଥିଲେ ।ଉକ୍ତ ଶିବିର କୁ ମା କିଚକେଶ୍ୱରୀ ସେବା ସଦନ ର ସଦସ୍ୟ ସଞ୍ଜୟ ବେହେରା, ତାପସ କୁମାର ବେହେରା, ଗଣେଶ ସାହୁ, ଭରତ ଧଳ, ମାନସ, ଦୀନେଶ, ସମୀର, ଦିପୁ ନାଏକ ପ୍ରମୁଖ ପରିଚାଳନା କରିଥିଲେ ।ତେବେ ୨୫ଜଣ ରକ୍ତଦାତା ରକ୍ତଦାନ କରିଥିବା ବେଳେ ସଦନ ପକ୍ଷରୁ ସମସ୍ତ ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ୫୦ ବର୍ଷ ପୂର୍ତ୍ତି ଓ ବନ୍ଧୁ ମିଳନ ପାଳିତ



ଫକୀରପୁର ,(ପି.ଏନ): ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍ ର ୫୦ ବର୍ଷ ପୂର୍ତ୍ତି ଓ ବନ୍ଧୁ ମିଳନ ଉତ୍ସବ ପାଳିତ ଆନନ୍ଦପୁର ପୌରାଞ୍ଚଳ ର ଫକୀରପୁର ହାଇସ୍କୁଲରେ ଅଧ୍ୟୟନ ରତ ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍ ର ୫୦ ବର୍ଷ ପୂର୍ତ୍ତି ଓ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇ ଯାଇଅଛି । ସ୍କୁଲ୍ ପରିସରରେ ପୁରାତନ ଛାତ୍ର ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଙ୍କ ସଂଯୋଜନା ରେ ଅତିଥି ରୂପେ ସ୍କୁଲ୍ ର ପୁରାତନ ଶିକ୍ଷକ ଶ୍ରୀଯୁକ୍ତ ବାଞ୍ଛାନିଧି ଶତପଥୀ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର କର ଶ୍ରୀଯୁକ୍ତ ରମାକାନ୍ତ ବେହେରା ସ୍କୁଲ୍ ର କର୍ମଚାରୀ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ରାଉଳ ମଞ୍ଚସୀନ ଅତିଥି ରୂପେ ଯୋଗଦେଇ ଥିଲେ । ପ୍ରାରମ୍ଭରେ ପୁରାତନ ଗୁରୁଜୀ ମାନଙ୍କୁ ଫଳକ ଓ ଅଙ୍ଗବସ୍ତ୍ର ଦେଇ ଛାତ୍ର ଓ ଛାତ୍ରୀ ମାନେ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଉତ୍ସବରେ ଅବସର ପ୍ରାପ୍ତ ଅଧ୍ୟାପକ ବୃନ୍ଦାବନ ଗୁଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ କୈଳାସଚନ୍ଦ୍ର ସେଠୀ ୫୦ ବର୍ଷ ତଳେ ସେ ଛାତ୍ର ଥିବା ସମୟର ଅନୁଭୂତି ଓ ଗୁରୁଜୀ ମାନଙ୍କର ପାଠପଢ଼ା ଓ ସମୟାନୁ ବର୍ତ୍ତିତା ଉପରେ କହିଥିଲେ । ପୁରାତନ ଛାତ୍ର ଗୋପାଳଚନ୍ଦ୍ର ରାମ୍ ତାଙ୍କ ଅନୁଭୂତି ସମସ୍ତ ସାଙ୍ଗମାନଙ୍କ ସହିତ ବାଣ୍ଟିଥିଲେ । ପବିତ୍ର ମୋହନ ମଲ୍ଲିକ ପ୍ରତିବର୍ଷ ଏମିତି ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ସୁରେନ୍ଦ୍ର କୁମାର ପଣ୍ଡା ତାଙ୍କର ଅନୁଭୂତି ବଖାଣି ଥିଲେ । ଅବସର ପ୍ରାପ୍ତ ଅଧକ୍ଷ ଡ଼କ୍ଟର ହରିହର ଦାସ ତାଙ୍କ ବକ୍ତବ୍ୟରେ ବୟସର ଅପରାହ୍ନରେ ଆମେ ସମସ୍ତେ ଏକାଠି ହୋଇଛନ୍ତି । ଏହା ଏକ ବିରଳ ସମାବେଶ କହିଲେ ଭୁଲ୍ ହେବ ନାହିଁ । ପୁରାତନ ଛାତ୍ର ଓ ଛାତ୍ରୀ ମାନଙ୍କ ଦ୍ୱାରା 'ସ୍ମୃତିଦର୍ପଣ-୨୦୨୫', ଉନ୍ମୋଚିତ ହୋଇଥିଲା । ଗଙ୍ଗାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୂରାତନ ଛାତ୍ର ଗଙ୍ଗାଧର ଓଝା, ଅନନ୍ତ ଚରଣ ଚିନରା, କୈଳାସଚନ୍ଦ୍ର ପଣ୍ଡା, ଶ୍ରୀଧର ସାହୁ, କାମପାଳ ମହାନ୍ତି, ହରିହର ଜେନା, ହରିହର ସାହୁ, ନରେନ୍ଦ୍ର ମଲ୍ଲିକ୍, ନାରାୟଣ ମାଝୀ, ଅଭିନ୍ନ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ବେହେରା, ଶରତଚନ୍ଦ୍ର ଦାସ, ଶ୍ୟାମସୁନ୍ଦର ମହାନ୍ତି, ସୁବଳ ଚରଣ ପଟ୍ଟନାୟକ, ସତ୍ୟଭାମା କର, ବିଦ୍ୟୁତ୍ ଲତା ପଣ୍ଡା, ଆଦି ପୁରାତନ ଛାତ୍ର ଓ ଛାତ୍ରୀ ସ୍ମୃତି ଚାରଣ କରୁଥିଲେ । ଚିନୁ ମିନୁ ସ୍ୱାଗତ ସଙ୍ଗୀତ ଗାନ କରି ସମସ୍ତଙ୍କ ମନ ମୁଗ୍ଧ କରିଥଲେ । ପୁରାତନ ଛାତ୍ର ଓ ଛାତ୍ରୀ ମାନଙ୍କର ସହ ପରିବାର ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରୁଥିଲେ । ହରମୋହନ ପାଢ଼ୀ ଓ ସୁକାନ୍ତି ରାଉତ ସହଯୋଗ କରିଥିଲେ ।

# କୁଚିଣ୍ଡାରେ ଭୟଙ୍କର ଅଗ୍ନିକାଣ୍ଡ କୋଟି କୋଟି ଟଙ୍କାର କ୍ଷତି




କୁଚିଣ୍ଡା,(ପି.ଏନ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ କପଡା ଦୋକାନ ଯାହାକି କୁଚିଣ୍ଡା ସହରର ସବୁଠାରୁ ବଡ କପଡା ଦୋକାନ କ୍ୱାଲିଟି କଲେକ୍ସନ ର ଶେଷ ମହଲାରେ ଲାଗିଲା ନିଆଁ, ହୁ ହୁ ହୋଇ ଜଳୁଛି ପୁରା ମହଲ । ସୂଚନା ଅନୁସାରେ ଆଜି ସକାଳେ ପାଖାପାଖି ୭.୩୦ ରେ ନିଆଁ ଲାଗିଥିବାର ଜାଣିବାକୁ ପାଇଥିଲେ,ପାଖ ଦୋକାନୀ ମାନଙ୍କ ଏବଂ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଇଲେକ୍ଟ୍ରି ସଟ୍ ସର୍କିଟ ଦ୍ୱାରା ଏଭଳି ଭୟଙ୍କର ଅଗ୍ନିକାଣ୍ଡ ହୋଇଥିବା ସୂଚନା ମିଳିଛି, କିନ୍ତୁ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ। କ୍ୱାଲିଟି କଲେକ୍ସନ ର ଉପର ମହଲା ଲାଗି ଏଭଳି ଅନେକ ଦୁକାନ ଲାଗିରହିଥିବା ବେଳେ ଦୁକାନୀ ଭାଇମାନଙ୍କ ସହିତ ଅଗ୍ନିଶମ ବିଭାଗ ଆସି ନିଆଁ ଆୟତ୍ତ କରିବାରେ ଲାଗିପଡିଥିଲା ।ଏପରିକି କୁଚିଣ୍ଡା ଉପଖଣ୍ଡରେ ଥିବା ବାମରା,ଜମନକିରା ଏବଂ ପଡୋଶୀ ଜିଲ୍ଲା ଝାରସୁଗୁଡ଼ା ରୁ ମଧ ଅଗ୍ନିଶମ ବିଭାଗ ଆସି ନିଆଁ କୁ ଆୟତ୍ତ କରିବାରେ ସମ୍ପୂର୍ଣ୍ଣ ଭାବେ ଲାଗି ପଡ଼ିଥିଲେ। ସୂଚନା ଅନୁସାରେ ଏତେ ମାତ୍ରାରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ କାହାରି ମଧ ସେମିତି କିଛି ହୋଇଥିବା ଜଣା ପଡ଼ିନାହିଁ, କିନ୍ତୁ କୋଟି କୋଟି ଟଙ୍କାର କ୍ଷତି ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା କହିଥିଲେ।

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୫ ଦିନିଆ ଗବେଷଣା ପଦ୍ଧତି କର୍ମଶାଳା ସଫଳତାର ସହ ଉଦଯାପିତ

ଜୟପୁର,(ପି.ଏନ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) କୋରାପୁଟ ରେ ସ୍କୁଲ ଅଫ୍ ଲାଙ୍ଗୁଏଜ୍ ପକ୍ଷରୁ ଆୟୋଜିତ ଗବେଷଣା ପଦ୍ଧତି ଉପରେ ୫ ଦିନିଆ କର୍ମଶାଳା ୨୦୨୫ ଏପ୍ରିଲ ୧୧ ତାରିଖରେ ସଫଳତାର ସହ ଉଦଯାପିତ ହୋଇଯାଇଛି। ସଂସ୍କୃତ ବିଭାଗମୁଖ୍ୟ ତଥା ଭାଷା ବିଦ୍ୟାଳୟର ଡିନ୍ ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏପ୍ରିଲ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା,ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟରେ ଏକ ସୁଦୃଢ଼ ଗବେଷଣା ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏହାର ମହତ୍ତ୍ୱକୁ ସ୍ୱୀକାର କରି ସ୍କୁଲ ଅଫ୍ ଲାଙ୍ଗୁଏଜ୍ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ,ବିଶିଷ୍ଟ ଗବେଷକ, ଲେଖକ ତଥା ବିଶ୍ୱଭାରତୀ, ଶାନ୍ତିନିକେତନର



ଅବସରପ୍ରାପ୍ତ ପ୍ରଫେସର ପ୍ରଫେସର ଅରୁଣ ରଞ୍ଜନ ମିଶ୍ର କର୍ମଶାଳାରେ ରିସୋର୍ସ ପର୍ସନ ଭାବେ କାର୍ଯ୍ୟ କରିଥିଲେ,ପାଞ୍ଚ ଦିନ ମଧ୍ୟରେ, ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ, ଯାହା ଏହି କର୍ମଶାଳାରେ ଅଂଶଗ୍ରହଣକାରୀଙ୍କ ବୁଦ୍ଧିମତ ଓ ଜ୍ଞାନକୁ ଅନେକ ଭାବରେ ସମୃଦ୍ଧ କରିଥିଲା,ଏହି କର୍ମଶାଳାରେ ସଂସ୍କୃତ, ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ବିଭାଗର ଗବେଷକମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଚଳିତ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳରେ ପ୍ରାୟ ସମସ୍ତ ବିଭାଗରେ ପିଏଚ୍ଡି ପାଠ୍ୟକ୍ରମ ଆରମ୍ଭ ହୋଇଥିବାରୁ ଏହି କର୍ମଶାଳା ନୂତନ ଭାବେ ସାମିଲ ହୋଇଥିବା ଡକ୍ଟରେଟ୍ ଗବେଷକମାନଙ୍କ ପାଇଁ ବିଶେଷ ଲାଭଦାୟକ ସାବ୍ୟସ୍ତ ହୋଇଛି। ଏହା ସେମାନଙ୍କୁ ସେମାନଙ୍କ ପାଠ୍ୟକ୍ରମ ଏବଂ ଭବିଷ୍ୟତଗବେଷଣା କାର୍ଯ୍ୟକୁ ସଫଳ ଭାବରେ ସମାପ୍ତ କରିବା ପାଇଁ ଆବଶ୍ୟକ ଶୈକ୍ଷିକ ଉପକରଣ ଏବଂ ତାତ୍ତ୍ୱିକ ଢାଞ୍ଚା ପ୍ରଦାନ କରିଥିଲା ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି, ଦେବାଶିଷ କର୍ମାକର, ମନୋଜ କୁମାର ସିଂହ, ରଘୁନାଥ ଓଝା, ପ୍ରସେନଜିତ୍ ସିହ୍ନା ଙ୍କ ଉତ୍ସର୍ଗୀକୃତ ସହଯୋଗରେ ଏହି କର୍ମଶାଳା ସଂଯୋଜନା କରାଯାଇଥିଲା,

# ସୋର ଢ଼ିପାସାହି ମା ତାରିଣୀଙ୍କ ବାର୍ଷିକ ମହା ସତ୍ୟ ଯଂଜ୍ଞ ମହାସମାରୋହ ଅନୁଷ୍ଠିତ



ସୋର,(ପି.ଏନ): ସୋର ଚୈତ୍ରମାସ ଦି୩୧ନ ରବିବାର ଢ଼ିପାସାହି ଗ୍ରାମର ମା' ତାରିଣୀଙ୍କ ପୀଠରେ ମହାସତ୍ୟଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସୋର ପୌରପାଳିକା ୩ ନଂ ୱାର୍ଡ ଅନ୍ତର୍ଗତ ସୋର ଷ୍ଟେସନ ଛକ ସ୍ଥିତ ଢିପାସାହି ଗ୍ରାମର ତାରିଣୀ ମନ୍ଦିର ପ୍ରାଙ୍ଗଣରେ ବାର୍ଷିକ ମହା ସତ୍ୟ ଯଜ୍ଞ ଅନୁଷ୍ଠିତ ହେବା ସହ ହଜାର ହଜାର ଶ୍ରଦ୍ଧାଳୁ ମା ତାରିଣୀଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ ।ସକାଳେ ଘଟଉତ୍ତୋଳନ ସହ ରାତିରେ ଭଜନ ସନ୍ଧ୍ୟାରେ ମା ତାରିଣୀଙ୍କ ଭଜନ ଏକ ଭବ୍ୟ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଯଜ୍ଞ କୁଣ୍ଡରେ ପୂଜାର୍ଚ୍ଚନା ସହ ଆହୁତିରେ ରାମ ଚନ୍ଦ୍ର ହୋତା, ମଧୁ ପାଢ଼ୀ, ଜୟଶଙ୍କର ପଣ୍ଡାଙ୍କ ସହ ୯ ଜଣ ବ୍ରାହ୍ମଣ ସହଯୋଗ କରିଥିଲେ। ମନ୍ଦିରର ପରିଚାଳକ ବିନୋଦ ନାୟକଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପୂଜକ ରବୀନ୍ଦ୍ର ନାୟକଙ୍କ ସହ ଆନନ୍ଦ ନାୟକ, ସୁକାନ୍ତ ନାୟକ, ବିକି ନାୟକ, ପରେଶ ବେହେରା, ମୁକେଶ ନାୟକ, ଦୀପକ ନାୟକ, ଚୈତନ୍ୟ ବେହେରା, ଜୟନ୍ତୀ ନାୟକ, ମନୋଜ ନାୟକ ପ୍ରମୁଖ ମାଆଙ୍କ ଉକ୍ତ ବାର୍ଷିକ ଯଜ୍ଞକୁ ସରସ ସୁନ୍ଦର କରିବାରେ ଦାୟିତ୍ୱ ନିର୍ବାହ କରିଥିଲେ।

# ସୋରରେ ପୁଣି ରାତି ୨ଟାରେ ହାତ ଗୋଡ଼ ବାନ୍ଧି ନେଇଗଲେ ଲକ୍ଷାଧିକ ଟଙ୍କା ଓ ଗହଣା, ପୋଲିସ ହାତ ଖାଲି



ସୋର,(ପି.ଏନ): ସୋର ଥାନା ଅନନ୍ତପୁର ଫାଣ୍ଡି ଅଧୀନ ତେଣ୍ଟେଇ ପଞ୍ଚାୟତ ତେଣ୍ଟେଇ ଗ୍ରାମର ପୋଷ୍ଟ ମାଷ୍ଟରଙ୍କ ଘରୁ ହାତଗୋଡ଼ ବାନ୍ଧି ପାଞ୍ଚ ଲକ୍ଷ ନଗଦ ଟଙ୍କା ସହିତ ଝିଅ ବାହାଘର ପାଇଁ ରଖାଯାଇଥିବା ୫ ଭରି ସୁନା ଲୁଟ ହୋଇଥିବା ଜଣାପଡିଛି। ଏହି ଗ୍ରାମର ବଟକୃଷ୍ଣ ମଳିକ ସ୍ଥାନୀୟ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରନ୍ତି । ଗତକାଲି ରାତିରେ ବଟକୃଷ୍ଣ ତାଙ୍କ ସ୍ତ୍ରୀ ସୁରତି ମଳିକ ଓ ଝିଅ ସୁନନ୍ଦା ମଳିକ ଖାଇପିଇ ଶୋଇଥ ?ିବା ବେଳେ ରାତି ୨ ଟା ସମୟରେ ଚାରିଜଣ କଳା ପୋଷାକ ପିନ୍ଧିଥିବା ଯୁବକ ଘର ପଛପଟ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ପରେ ବଟକୃଷ୍ଣ ଓ ତାଙ୍କ ସ୍ତ୍ରୀ ସୁରତୀଙ୍କ ହାତ ଗୋଡ଼ ବାନ୍ଧିବା ବେଳେ ଝିଅ ସୁନନ୍ଦା ମୋବାଇଲ ନେଇ ଫୋନ କରିବା ପାଇଁ ଉଦ୍ୟମ କରିବା ବେଳେ ତାଙ୍କ ବେକରେ ଭୁଜାଲି ଲଗାଇଦେଇଥିଲେ। ବଟକୃଷଙ୍କ ମୁଣ୍ଡରେ ଲୁହା ରଡ଼ ଲଗାଇ ଗଡ଼ରେଜ ଚାବି କାଠି ନେଇ ଝିଅ ବାହାଘର ପାଇଁ ରଖାଯାଇଥିବା ପାଞ୍ଚ ଲକ୍ଷ ନଗଦ ଟଙ୍କା ସହିତ ଗୋଟିଏ ନେକଲେସ, ୨ ହଳ କାନଫୁଲ,ଗୋଟିଏ ସୁନା ଚେନ ଓ ୨ ହଳ ପାଉଁଜି ଆଦି ମୋଟ ୫ ଭାରି ଓଜନର ଗହଣା ଲୁଟି ନେଇଥିଲେ। ପରେ ଏନେଇ ବଟକୃଷ୍ଣ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭକରିଛି। ସୂଚନା ଯୋଗ୍ୟ ଗତ ଏକ ମାସ ତଳେ ସମାନ ଢଙ୍ଗରେ ଉକ୍ତ ଘର ଠାରୁ ମାତ୍ର କେଇ ମିଟର ଦୂରରେ ଜନୈକ ବ୍ୟକ୍ତିଙ୍କ ଘରେ ରାତିରେ ବୃଦ୍ଧ ପିତା ମାତାଙ୍କୁ ବାନ୍ଧି ଦୁର୍ବୃତ୍ତ ମାନେ ଘରୁ ଲୁଟ କରିଥିଲେ। ଆହୁରି ମଧ୍ୟ ତୁଡ଼ିଗଡ଼ିଆ ଶଙ୍କର ଜୁଏଲାରୀ ମାଲିକ ଓ ଓ ବାଗୁଡ଼ି ମା ସନ୍ତୋଷୀ ଜୁଏଲାରୀ ମାଲିକଙ୍କ ଘରୁ ହାତ ଗୋଡ଼ ବାନ୍ଧି ଲକ୍ଷାଧିକ ଟଙ୍କା ସହ ସୁନା ଗହଣା ଲୁଟ କରିବା କୌଣସି ଏକ ଅଭ୍ୟାସଗତ ଡକାୟତ ଦଳଙ୍କ କାର୍ଯ୍ୟ ବୋଲି ସନ୍ଦେହ ସୃଷ୍ଟି କରୁଛି। ସବୁଠାରୁ ବଡ଼ କଥା ହେଲା ଯେଉଁ ସ୍ଥାନ ମାନଙ୍କରେ ରାତିରେ ଲୁଟ ହେଉଛି ଲୁଟର ସମୟ ରାତି ୨ ଟା ଡକାୟତି କରିବାର ଢଙ୍ଗ ମଧ ସମାନ । ଏଣୁ ବର୍ତ୍ତମାନ ସୋର ପୋଲିସ ସୋରରେ ସୋରବାସୀଙ୍କ ସୁରକ୍ଷା ସହ ଧନ ଜୀବନର ସୁରକ୍ଷା କରିବା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

# ରାଧାନାଥ ଶ୍ରାଦ୍ଧ ଓ ସାଂସ୍କୃତିକ ସମ୍ମିଳନୀ ଉଦ୍‌ଘାଟିତ



ସୋର, (ପି.ଏନ): ରାଧାନାଥ ଅନୁକରଣ ନୁହେଁ, ବରଂ ଆତ୍ମିକରଣ କରିଥିଲେ ସାହିତ୍ୟରେ। ତାଙ୍କ ସାହିତ୍ୟ ଥିଲା ଐତିହ୍ୟ ଓ ଐଶ୍ୱର୍ଯ୍ୟର ଗନ୍ତାଘର । ଗଣନୁଗତିକ କାବ୍ୟକୁ ଭିନ୍ନ ରୂପ ଦେବାରେ ରାଧାନାଥ ଦୃଷ୍ଟିଭଙ୍ଗୀ ଥିଲା ସ୍ୱତନ୍ତ୍ର, ମାତ୍ର ପରିତାପର ବିଷୟ ଓଡିଆ ସାହିତ୍ୟ ଇତିହାସରେ ଯେଉଁ ଗୌରବ ପାଇବା କଥା ତାହା ପାଇନାହାନ୍ତି ।ସେ ଥିଲେ ନୂତନ ଜାଗରଣର ଅଗ୍ରଦୂତ ଓ ଉତ୍କଳ ଭାରତୀ ଯୋଗ୍ୟ ଦାୟଦ ବୋଲି ରାଧାନାଥ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଉତ୍ସବରେ ବିଶିଷ୍ଟ କବି ଡ. ଫନୀ ମହାନ୍ତି ଯୋଗଦେଇ କହିଥିଲେ। ସୋର ରାଧାନାଥ ପାଠାଗାର ଆନୁକୂଲ୍ୟରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ରାଧାନାଥଙ୍କର ମହାପ୍ରୟାଣର ୧୧୭ ତମ ଶ୍ରାଦ୍ଧବାର୍ଷିକ ଏବଂ ୮୦ତମ ସାଂସ୍କୃତିକ ସମାରୋହ ଉଦ୍ଘାଟନୀ ଅବସରରେ ରାଧାନାଥ ପାଠାଗାର ସଭାପତି ପଶୁରାମ ଧଡ଼ାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କବି ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ଉତ୍ତରରେ କହିଲେ ଯେ ରାଧାନାଥ ଓଡ଼ିଶା ମାଟିରେ କବିତାର ଉତ୍ସର୍ଷତା ପାଇଁ ନୂତନତ୍ୱର ରୂପଦେଇ ଶୀର୍ଷରେ ପହଞ୍ଚାଇଥିବା ପ୍ରଥମ କବି । ମୁଖ୍ୟବକ୍ତା ଭାବେ ରାମାଦେବୀ ବିଶ୍ୱବିଦ୍ୟାଳୟର ପ୍ରପିକା ଡ. ସଂଘମିତ୍ରା ଉଞ୍ଚ ଯୋଗଦେଇ କହିଲେ ଯେ ପ୍ରକୃତିର ବସମୃଦ୍ ହୋଇଥିବାରୁ ରାଧାନାଥ ଥିଲେ ଚିର ସବୁଜ । ଜଣେ କବିର ଚେତନାର ସୌନ୍ଦର୍ଯ୍ୟହିଁ ପାଠକକୁ ବାନ୍ଧି ରଖିପାରେ , ଯାହା ରାଧାନାଥ ଭଲ ଭାବେ ଦାଣିଥିଲେ। ସମ୍ମାନିତ ଅତିଥି ଭାବେ ଯାମିନୀକାନ୍ତ ଦାସ ଯୋଗଦେଇ ଓଡିଆ ଭାଷା ଆନ୍ଦୋଳନର ଭିତ୍ତିଭୂମୀ ପକାଇଥିରେ ରାଧାନାଥ । ସେ ପ୍ରକୃତି ଭିତରେ ପ୍ରେମ ଖୋଜିଥିଲେ। ରାଧାନାଥଙ୍କ ଚିଲିକା କାବ୍ୟ ବିଶ୍ୱ ଦରବାରରେ ସ୍ଥାନ ପାଇଥିଲା ବୋଲି କହିଥିଲେ। ଏହି ଅବସରରେ ଚୈତାଳି ରାଧାନାଥ ଗଦ୍ୟ ସମୀକ୍ଷା ଉନ୍ମୋଚିତ ହୋଇଥିଲା । ସଂପାଦକ ଦାମୋଦର ଦାଶ ମହାପାତ୍ର ମାନପତ୍ର ପାଠ କରିଥିଲେ ।ଅଶୋକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ କଟ ଚ୍ନ୍ଦ୍ର ବେହେରା। ଏହି ଅବସରରେ କୃତି ଛାତ୍ର ଛାତ୍ରୀମାନଙ୍କୁ କବିବର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଦ୍ମଲୋଚ୍ନ ଦ୍ୱିବେଦୀ, ମାୟାଧର ନାୟକ, ଇନ୍ ?ତି ଆଜ ମହମ୍ମଦ, ମହେଶ୍ୱର ପଣ୍ଡା, ବିମଳ ମହାରଣା,ଚେମେଇ ଦାସ, ଉଦ୍ଧବ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# କୋରାପୁଟ ଜିଲ୍ଲା ଇପିଏଫ ପେନସନର୍ସ ଆସୋସିଏସନ୍‌ର ଜରୁରୀ ବୈଠକ ଅନୁଷ୍ଠିତ



ଜୟପୁର,(ପି.ଏନ): କୋରାପୁଟ ଜିଲ୍ଲା ଜୟପୁର ଯାଦବ ଭବନ ଠାରେ କୋରାପୁଟ ଜିଲ୍ଲା ଇପିଏଫ ପେନସନର୍ସ ଆସୋସିଏସନ୍ ର ଏକ ଜରୁରୀ ବୈଠକ ନଳିନୀକାନ୍ତ ରଥ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ,ଏହି ସଭାରେ କାର୍ଯ୍ୟକାରି ସଭାପତି ଉମାକାନ୍ତ ରଥ ସଭ୍ୟ ମାନଙ୍କ ବାର୍ଷିକ ଦେୟ, ନୂତନ ସଭ୍ୟ ସଂଗ୍ରହ,ଜନ୍ତର ମନ୍ତର ଠାରେ ଚାଲିଥିବା ଧାରଣା ଏବଂ ଆଗାମୀ ୨୯ ତାରିଖ ଦିନ ଜିଲ୍ଲାପାଳ ଅଫିସ୍ ଆଗରେ ବିକ୍ଷୋଭ କରି ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ବିଷୟ ଉପସ୍ଥାପନ କରିଥିଲେ। ତା' ଉପରେ ବିଶଦ ଆଲୋଚନା ସଭ୍ୟ ମାନେ କରିଥିଲେ,ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଥିଲେ ଯେ , ବିଭିନ୍ନ ଆଶା ସରକାର ଦେଖାଉଛନ୍ତି କି ନାହିଁ କିନ୍ତୁ ବିଭିନ୍ନ ସାମାଜିକ ଗଣ ମାଧ୍ୟମରେ ବ୍ୟାପକ ପ୍ରଚାର ହେଉଛି,ପେନସନ ଉଚ୍ଚ ହାରରେ ମିଳିବ , ସର୍ବନିମ୍ନ ପେନସନ ବୃଦ୍ଧି ପାଇବ, କିନ୍ତୁ ଅସଲ କଥା ହେଉଛି ଯଦିଓ ଅନେକ ସାଂସଦ ବିଶେଷ କରି ବାମପନ୍ଥୀ ସାଂସଦ ମାନେ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ ଦାବି କରୁଥିବାବେଳେ ଆଜି ପର୍ଯ୍ୟନ୍ତ ସରକାର କ୍ୟାବିନେଟ ରେ ଆଲୋଚନା କରି ନାହାଁନ୍ତି। ଇପିଏଫ୍‌ଓ ରେ ୨୧୩ ଲକ୍ଷ କୋଟି ଟଙ୍କା ଜମା ରହିଛି। ତାର ସୁଧର କିଛି ଅଂଶକୁ ଶ୍ରମିକ କର୍ମଚାରୀ ମାନଙ୍କୁ ଦେଲେ କ୍ଷତି ହେବନି ,କିନ୍ତୁ ସରକାର ଦେବାପାଇଁ ନାରାଜ,ଏହାର ଏକ ମାତ୍ର କାରଣ ହେଉଛି ବିଜେପି ଦଳ ବିଭିନ୍ନ ରାଜ୍ୟରେ ସରକାର କୁ ଆସିବା ଓ ମୋଦୀ ସରକାର ବିରୁଦ୍ଧରେ ୭୫ ଲକ୍ଷ ପେନସନ ଭୋଗୀ ଆନ୍ଦୋଳନ କୁ ନ ଆସି ଆପେ ଆପେ ମିଳିଯିବ ବୋଲି ଅନେଇ ରହିବା,ପ୍ରବଳ ଜନ ଆନ୍ଦୋଳନ ହିଁ ମାସିକ ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା ପାଇବାର ଏକ ମାତ୍ର ବାଟ, ସେଥିପାଇଁ ଆଗାମୀ ମେ' ୨୦ ତାରିଖ ସର୍ବଭାରତୀୟ ଧର୍ମଘଟକୁ ପେନସନ ଭୋଗୀ ମାନେ ମଧ ବ୍ୟାପକ ଭାବେ ବାହାରି ଆନ୍ଦୋଳନ ରେ ଅଂଶ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ, ଆଜି ର ଏହି ଆଲୋଚନା ରେ ଅନ୍ୟ ମାନଙ୍କ ମଧ୍ୟରେ ବସନ୍ତ ବେହେରା, ମୁଦୀରଥ ହୋତା, ଦଣ୍ଡପାଣି ପାତ୍ର,କେ ସି ପଣ୍ଡା, ରାମ ଶଙ୍କର ପଟ୍ଟନାୟକ, ସର୍ବେଶ୍ୱର ପଣ୍ଡା,ସୁବାଷ ବେହେରା, ସରୋଜ ପଣ୍ଡା ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ,ଶେଷରେ ଶ୍ରୀ ଜି ପ୍ରସାଦ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନଜେଡବ୍ଲୁ ଏବଂ ଶୁଦ୍ଧାନନ୍ଦ ବିଦ୍ୟାଳୟ ସ୍କାଉଟ ଟ୍ରୁପ୍ ପକ୍ଷରୁ ଜଳ ସେବା ଶିବିର ଉଦଘାଟିତ




ଜଗତସିଂହପୁର,(ପି.ଏନ): ଜଗତସିଂହପୁର ଅଧିନସ୍ଥ ଶୁଦ୍ଧାନନ୍ଦ ବିଦ୍ୟାଳୟ ପ୍ରାଙ୍ଗଣରେ ଏନଜେଡବ୍ଲୁ (ଓପନ) ୟୁନିଟ୍, ଜଗତସିଂହପୁର ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡସ୍ ଓ ଶୁଦ୍ଧାନନ୍ଦ ସ୍କାଉଟ୍ ଟ୍ରୁପର ମିଳିତ ଉଦ୍ୟମରେ ପନ୍ଦର ଦିନ ବ୍ୟାପି ଜଳ ସେବା ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରରେ ଶୁଦ୍ଧାନନ୍ଦ ବିଦ୍ୟାଳୟର ଅଧକ୍ଷ ବିଶ୍ୱଜିତ୍ ସ୍ୱାଇଁ , ୟୁନିଟ୍ ଲିଡର ବିଜୟ କୁମାର ରଥ, ବିଦ୍ୟାଳୟର ପ୍ରଶାସନ ଅଧିକାରୀ ଜଦୁ ନାଥ ଦାସ,ଜିଲ୍ଲା କମିଶନର ଅତୁଲ ବିକ୍ରମ ପ୍ରଧାନ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରାଉତ , ଶରତ ଚନ୍ଦ୍ର ବାରିକ , ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପଣ୍ଡା,ଜିଲ୍ଲା ଟ୍ରେନିଙ୍ଗ କମିଶନର ହରେକୃଷ୍ଣ ଲେଙ୍କା, ସ୍କାଉଟର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅମୂଲ୍ୟ କୁମାର ମିଶ୍ର ,ଜିଲ୍ଲା ସଂଗଠନ କମିଶନର ପ୍ରତାପ ଚନ୍ଦ୍ର ରାତରାୟ,ଜିଲ୍ଲା ଟ୍ରେନିଙ୍ଗ କମିଶନର ଗାଇଡ୍ ସସ୍ମିତା ଶତପଥୀ ,ଜିଲ୍ଲା ସଂଗଠନ କମିଶନର ଗାଇଡ୍ ଲତା ଦେଇ , ଏନଜେଡବ୍ଲୁ ଆଡଭାଇଜରୀ କମିଟି ସଦସ୍ୟ ସ୍ମୃତି ରଞ୍ଜନ ସ୍ୱାଇଁ ,ଅଞ୍ଜନ କୁମାର ସାହୁ, ରାକେଶ ରୋସନ ସାହୁ, ପ୍ରିୟଦର୍ଶିନୀ ଦାସ , ବୀଣା ଦେଇ ,ସୁରେଶ ସେନ ,ଅଭୟ ପାଲ ଓ ଅଜୟ ଗୋଛାୟତ ପ୍ରମୁଖ ଯୋଗ ଦେଇ ଲୋକ ମାନଙ୍କୁ ଦହି ପଣା ବାଣ୍ଟି ଥିଲେ ।ଏନଜେଡବ୍ଲୁ ରୋଭର୍ ୟୁନିଟର ଭାରପ୍ରାପ୍ତ ରୋଭର୍ ଲିଡର ତଥା ଶୁଦ୍ଧାନନ୍ଦ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର୍ ଆଶୁତୋଷ ପଣ୍ଡା ଏହି ଶିବିରକୁ ପରିଚାଳନା କରିବା ସହିତ ଭୀଷଣ ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ଏହି ଶିବିରଟି ୨ ଟି ପର୍ଯ୍ୟାୟରେ ୧୫ ଦିନ ବ୍ୟାପୀ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ହେବ ଏବଂ ପ୍ରଥମ ପର୍ଯ୍ୟାୟ ଆସନ୍ତା ୧୩.୪ ରିଖରୁ ଆରମ୍ଭ ହୋଇ ୧୯.୪.୨୫ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ୨ ୟ ପର୍ଯ୍ୟାୟ ଆସନ୍ତା ମାସରେ ଅନଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।




**ଭୁବନେଶ୍ୱର, ୨୦୨୫, ଜୁନ ୧୦**

# ମାନସିକ ଅବସାଦରୁ ମୁକ୍ତି ପାଇଁ ପରିବାରର ଭୂମିକା



ଶିବମ୍ ପଟ୍ଟନାୟକ

ଆମେ ବେଳେ ବେଳେ କଥା ପ୍ରସଙ୍ଗରେ ଅନ୍ୟକୁ କହିଥାଉ କି – ତୋର ମୁଣ୍ଡ ଖରାପ ହୋଇଯାଇଛି କି କ୍ଷ ତେବେ ଜାଣତରେ ହେଉ ବା ଅଜାଣତରେ ଆମେ ମାନସିକ ସ୍ୱାସ୍ଥ୍ୟ କଥା ହଁ କହିଥାଉ କ୍ଷ ଏହି କଥାକୁ ସମସ୍ତେ ହାଲୁକା ଭାବରେ ନେଇଥାନ୍ତି କ୍ଷ ମାତ୍ର ଆମକୁ ବୁଝିବାକୁ ହେବ ଯେ ଜଣେ ବ୍ୟକ୍ତିର ଜୀବନରେ ମାନସିକ ସ୍ୱାସ୍ଥ୍ୟ ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ କ୍ଷ ମାନସିକ ସ୍ୱାସ୍ଥ୍ୟ ଜଣେ ମଣିଷର ଆଚାର, ବିଚାର, କାର୍ଯ୍ୟଶୈଳୀ , ମାନସିକ ଦକ୍ଷତା , ବ୍ୟବହାର ସବୁକୁ ନିୟନ୍ତ୍ରଣ କରିଥାଏ କ୍ଷ ଆମର ଶାସ୍ତ୍ର ପୁରାଣ ମାନଙ୍କରେ ମଣିଷର ଶରୀର କୁ ଓଲଟବୃକ୍ଷ ଭାବରେ ଚିତ୍ରଣ କରାଯାଇଛି କ୍ଷ ଅର୍ଥାତ୍; ଗୋଟେ ବୃକ୍ଷର ମୂଳ ଯେଉଁଭଳି ଭାବରେ ମାଟିରେ ନିହିତ ଥାଇ ତାକୁ ସମସ୍ତ ଆବଶ୍ୟକୀୟ ପୋଷକତତ୍ତ୍ୱ ଯୋଗାଇବା ସହିତ ତାର କ୍ରିୟା, ପ୍ରକ୍ରିୟା କୁ ନିୟନ୍ତ୍ରଣ କରିଥାଏ , ଠିକ୍ ସେହିଭଳ ଭାବରେ ମଣିଷର ମସ୍ତିଷ୍କ ଶରୀରର ଉପର ଭାଗରେ ଥାଇ ମଧ ତାର ବିଭିନ୍ନ ସ୍ନାୟବିକ ପ୍ରକ୍ରିୟା ଦ୍ୱାରା ଆମର ସମସ୍ତ ଶାରୀରିକ ତଥା ମାନସିକ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରିଥାଏ ।

ଗବେଷଣା କୁହେ – ; ଯଦି ଜଣେ ପ୍ରତେହ ଯୋଗ, ଧ୍ୟାନ, ପ୍ରାଣାୟମ , ବ୍ୟାୟାମ, ପୁସ୍ତକ ପାଠ କରିବା, ସ୍ତୋତ୍ର ମନ୍ତ୍ର ଆଦି ଉଚ୍ଚାରଣ କରିବା ଅଭ୍ୟାସ କରେ ; ତେବେ ଏହା ଦ୍ୱାରା ତାର ବୌଦ୍ଧିକ ବିକାଶ ଘଟିବା ସହିତ ମାନସିକ ସ୍ୱାସ୍ଥ୍ୟ ରେ ଅଭିବୃଦ୍ଧି ଘଟିଥାଏ। ବ୍ୟକ୍ତିର ଆନ୍ତରିକ ଉର୍ଜା ର ପ୍ରକାଶ ଘଟିବା ସହିତ ତା ଭିତରେ ଥିବା ସୃଜନଶୀଳତା, ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟିଥାଏ ।। ମସ୍ତିଷ୍କ ରେ ଥିବା ପିନିଆଲ୍ ଗ୍ରନ୍ଥିରୁ ଅକ୍ସିଟୋସିନ, ଡୋପାମିନ୍, ସେରିନ୍ ଭଳି ଭଲ ସ୍ନାୟୁ ରସ କ୍ଷରଣ ହୋଇ ମସ୍ତିଷ୍କ କୁ ସୁସ୍ଥ ତଥା ସତେଜ ରଖିବା ପାଇଁ ସାହାଯ୍ୟ କରେ କ୍ଷ ଆମ ଭାରତୀୟ ପରମ୍ପରାରେ ପ୍ରାଚୀନ କାଳରୁ ଗ୍ରାମ୍ୟ ଜୀବନର ବସବାସ କରିବା, ଗୁରୁଜନଙ୍କ ଉପଦେଶ ମାନି ଚଳିବା , ଅବସର ସମୟରେ ସନ୍ଧ୍ୟା ସମୟରେ ଭାଗବତ ପାଠ କରିବା, ପୁରାଣ ଚର୍ଚ୍ଚା କରିବା ଆଦି ପ୍ରଚଳିତ ଥିଲା । ଫଳରେ ଆମ ସମାଜରେ ଲୋକ ମାନଙ୍କ ମଧ୍ୟରେ ନିଦ୍ରା ହୀନତା, ମାନସିକ ଅବସାଦ, ମାନସିକ ଚାପ, ଦୁଶ୍ଚିନ୍ତା ଭଳି ସମସ୍ୟା ନଥିଲା । ଯୌଥ ପରିବାରର ପ୍ରଚଳନ କାହିଁ କେତେ କାଳରୁ ରହି ଆସିଥିଲା ଆମ ସମାଜରେ କ୍ଷ ଯୌଥ ପରିବାରରେ ନିଜ ସମ୍ପର୍କୀୟ ମାନଙ୍କ ଗହଣରେ ଜଣେ ଯେତେବେଳେ ଥାଏ , ସେଠି ବ୍ୟକ୍ତି ଜଣକ ନିଜ ଲୋକ ମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ପାଇଥାଏ କ୍ଷ ସମସ୍ତେ ସମସ୍ତଙ୍କର ସୁଖ, ଦୁଃଖ ରେ ସହଭାଗୀ ହେଉଥିବାରୁ କାହାରି ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇନଥାଏ କ୍ଷ ମାତ୍ର କାଳକ୍ରମେ ସମାଜର ଆଧୁନୀକରଣ, ପାଶ୍ଚାତ୍ୟ ସଂସ୍କୃତିର ଅନୁଶୀଳନ, ପାରିବାରିକ ବିବାଦ, ପରିବାର ଭିତରେ ବଢୁଥିବା ଫାଟ ଯୋଗୁଁ ଏକକ ପରିବାର ସଂଖ୍ୟାରେ ବୃଦ୍ଧି ଘଟିଛି ।ବିଶେଷଜ୍ଞ ମାନଙ୍କ ମତରେ ନିଃସଙ୍ଗତା , ଏକକ ପରିବାର ରେ ବାସ କରିବା ମାନସିକ ଚାପ, ସମସ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ । ଆମେ ବର୍ତ୍ତମାନ ଏକ ଏଭଳି ସମୟର ଆସି ପହଞ୍ଚିଛେ ଯେଉଁଠି ଆମ ପାଖରେ ଫେସବୁକ୍ ରେ ତ ଦଶହଜାର ବନ୍ଧୁ ଅଛନ୍ତି କ୍ଷ ମାତ୍ର ନିଜ ଭାଇ, ଭଉଣୀ ମାନଙ୍କ ସହିତ ସମ୍ପର୍କ ନାହିଁ । ଆମେରିକା ତଥା ଇଉରୋପ ଭଳି ଆମେ ମଧ ସମ୍ପର୍କରେ ଆଉ ପରସ୍ପରର ଭାବନାକୁ ସମ୍ମାନ ଦେଉନାହୁଁ । ଫଳରେ ମାନସିକ ସମସ୍ୟା, ଆତ୍ମହତ୍ୟା ଭଳି ଏକ ଚରମ ପଦକ୍ଷେପରେ ପରିଣତ ହେଉଛି । ତେଣୁ ଆମକୁ ମାନସିକ ଅବସାଦ ଦୂରୀକରଣ କ୍ଷେତ୍ରରେ ପରିବାରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପଲବ୍ଧି କରିବାକୁ ହେବା କ୍ଷ ପରିବାର ରେ ପରସ୍ପର ସ୍ନେହ, ପ୍ରେମ ଶ୍ରଦ୍ଧା, ଆଦର ଓ ଭଲପାଇବା ଦ୍ୱାରା ମାନସିକ ଅବସାଦର ବିନା ଔଷଧରେ ଚିକିତ୍ସା ସମ୍ଭବ ।

*କଳନ୍ତିରା, ବିରିଡି, ଜଗତସିଂହପୁର ,*
*୭୫୪୧୩୦*
*ମୋ : ୯୦୭୮୨୦୫୭୭୭*

# ସାମ୍ରାଜ୍ୟବାଦୀ ମାନସିକତାର ନିଶାରେ ବ୍ରିଟେନ

**ଡ. ସମନ୍ୱୟ ନନ୍ଦ**

ବୋଧ ହୁଏ ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ମାନସିକତାର ହ୍ୟାଙ୍ଗ ଓଭର ଏବେ ମଧ୍ୟ ରହିଛି । ସେମାନେ ପୂର୍ବରୁ କହୁଥିଲେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । ବୋଧ ହୁଏ ଗୋରା ମାନଙ୍କର ସେହି ମାନସିକତା ଆଜି ମଧ୍ୟ ରହିଛି । ସେମାନେ ଏବେ ମଧ୍ୟ ନିଜକୁ ସେହି ମାନସିକତାରେ ରଖିଛନ୍ତି । ଏବେର ଘଟଣାରୁ ଏହା ହିଁ ସ୍ପଷ୍ଟ ହେଉଛି ।

ଭାରତକୁ ଅନେକ ବର୍ଷ ଧରି ଶାସନ କରିଥିବା ଓ ଭାରତରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଣ୍ଠନ କରି ବିକଶିତ ଦେଶରେ ପରିଣତ ହୋଇଥିବା ବ୍ରିଟେନର ଏକ ସଂସ୍ଥା ରହିଛି ଯାହାର ନାମ ହେଉଛି ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ ବା ବିବିସି । ଏହି ସଂସ୍ଥା ପକ୍ଷରୁ ଏକ ଡକ୍ୟୁମେଂଟାରୀ ଜାରୀ କରା ଯାଇଛି । ଡକ୍ୟୁମେଂଟାରୀର ନାମ ହେଉଛି – ଇଣ୍ଡିଆ ଦି ମୋଦୀ କ୍ୱେଶ୍ଚେନ । ଦୁଇଟି ପାର୍ଟରେ ଏହି ଡକ୍ୟୁମେଂଟାରୀ ପ୍ରସ୍ତୁତ କରା ଯାଇଛି । ଏହି ଡକ୍ୟୁମେଂଟାରୀରେ ୨୦୦୨ ମସିହାରେ ଗୁଜରାତରେ ହୋଇଥିବା ଦଙ୍ଗା ପାଇଁ ଗୁଜରାତର ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦାୟୀ କରା କରି ପ୍ରଦର୍ଶିତ କରା ଯାଇଛି ।

ଏହି ଡକ୍ୟୁମେଣ୍ଟାରୀରେ କୌଣସି ତଥ୍ୟ – ପ୍ରମାଣ ନାହିଁ । ମୋଦୀ ଓ ଭାରତ ବିରୋଧୀ ବୋଲି ଧରା ଯାଉଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟମାନଙ୍କର ବକ୍ତବ୍ୟ ଓ ଅନ୍ୟ ମାନଙ୍କ ବକ୍ତବ୍ୟକୁ ନେଇ ଏ ଭଳି ଏକ ଚିତ୍ର ପ୍ରସ୍ତୁତ କରିବାକୁ ଚେଷ୍ଟା କରା ଯାଉଛି । ଏହି ମାମଲାରେ ତଳ କୋର୍ଟ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଯାଏ, ସୁପ୍ରିମକୋର୍ଟର ତଦାରଖରେ ଏସଆଇଟି ଦ୍ୱାରା ଜାଂଚ କରା ଯିବା ପରେ ନରେନ୍ଦ୍ର ମୋଦୀ ଯେ ଏହି ମାମଲାରେ କୌଣସି ପ୍ରକାର ଭୁଲ ନ ଥିଲା ଓ ସମ୍ପୂର୍ଣ୍ଣ ନିର୍ଦୋଷ ତାହା ସ୍ପଷ୍ଟ ହୋଇ ସାରିଛି । କଂଗ୍ରେସର ଶାସନକାଳରେ ଜଣେ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କୁ ୯-୯ ଘଂଟା ପଚାରା ଉଚୁରା କରା ଯାଇଥିଲା । ସମସ୍ତ ଜାଂଚ ପରେ ତାଙ୍କୁ କ୍ଲିନ ଚିଟ ଦିଆ ଯାଇଥିଲା । ବିବିସି ଏଭଳି ଏକ ଡକ୍ୟୁମେଂଟାରୀ ପ୍ରସ୍ତୁତ କରି ଭାରତର ପୋଲିସ-ଆଇନ ଓ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠା ଯାଇଛି । ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ଶାସନ ବ୍ୟବସ୍ଥାକୁ ବିନା କୌଣସି ତଥ୍ୟ ପ୍ରମାଣରେ ପକ୍ଷପାତୀ ଭାବେ ପ୍ରଶ୍ନ ଉଠା ଯାଇଛି ।

ଏବେ ପ୍ରଶ୍ନ ଉଠୁଛି ଯେ ବିବିସି ଦୀର୍ଘ ୨୦ ବର୍ଷ ପରେ ଏପରି କାହିଁକି କଲା । ବିବିସି ସଂସ୍ଥା ହେଉଛି ବ୍ରିଟେନର ସରକାରୀ ସଂସ୍ଥା । ବ୍ରିଟେନର ଗୋରା ମାନେ ଆମ ଉପରେ ଦୀର୍ଘ ଦିନ ଧରି ରାଜୁତି କରିଥିଲେ । ଭାରତର ଲୋକ ମାନଙ୍କୁ ଶୋଷଣ କରି ଧନ- ସମ୍ପଦ- ବୈଭବକୁ ଲୁଣ୍ଠନ କରି ନେଇଥିଲେ । ଯେତେବେଳେ ସେମାନେ ଭାରତ ଛାଡି ଯିବାକୁ ବାଧ୍ୟ ହେଲେ ସେତେବେଳେ ସେମାନେ ତଥାପି ଭାବୁଥିଲେ ଯେ ଭାରତ ନିକଟରେ ପୁଣି ଥରେ ସାରା ବିଶ୍ୱକୁ ନେତୃତ୍ୱ କରିବାର ସାମର୍ଥ୍ୟ ରହିଛି । ତେଣୁ ସେମାନେ ଭାରତକୁ ବିଭାଜିତ କରି ପାକିସ୍ତାନ ତିଆରି କଲେ ଯଦ୍ୱାରା ପାକିସ୍ତାନ ଭାରତକୁ ହଇରାଣ କରିବ ଓ ଭାରତ ଆଗକୁ ବଢି ପାରିବ ନାହିଁ। ସେମାନେ ଆଉ ଏକ କାମ କରିଥିଲେ । ସେମାନେ ଭାରତ ଛାଡି ଗଲା ବେଳେ ଯେଉଁ ଲୋକ ମାନଙ୍କ ହାତରେ ଶାସନ କ୍ଷମତା ଦେଇଥିଲେ ସେମାନେ ଯଦିଓ ଭାରତୀୟ ଥିଲେ, ହେଲେ ସେମାନଙ୍କର ଭାରତୀୟ ସଂସ୍କୃତି, ପ୍ରତୀକ ଓ ପରମ୍ପରାରେ କୌଣସି ବିଶ୍ୱାସ ନ ଥିଲା । ସେମାନେ ଭାରତୀୟତାକୁ ଅତ୍ୟନ୍ତ ହୀନ ଓ ଘୃଣା ଦୃଷ୍ଟିରେ ଦେଖୁଥିଲେ । ସେମାନେ ଭାରତକୁ ଭାରତର ମୂଳ ପରିଚୟ ଆଧାରରେ ନୁହେଁ ବରଂ ଗୋରା ମାଲିକ ମାନଙ୍କର ଚିନ୍ତନ ସେମାନଙ୍କର ବ୍ୟବସ୍ଥା ଆଧାରରେ ଗଢିବାକୁ ଲାଗିଥିଲେ । ବ୍ରିଟେନର ଗୋରା ମାନଙ୍କୁ ଏଭଳି ନେତୃତ୍ୱ ହାତରେ ଭାରତର ଶାସନ କ୍ଷମତା ଦେବାରେ କୌଣସି ଅସୁବିଧା ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ଏହା ଦ୍ୱାରା ପ୍ରକାରାନ୍ତରେ ତାଙ୍କର ଶାସନ ହିଁ ଚାଲୁ ରହିବ । ଏଭଳି ଦୀର୍ଘ ସମୟ ଧରି ଚାଲୁ ମଧ୍ୟ ରହିଥିଲା । ହେଲେ ୨୦୧୪ ମସିହାରେ ସବୁ କିଛି ଓଲଟା ପାଲଟା ହୋଇ ଗଲା । ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଦେଶର ୧୩୦ କୋଟି ଜନସାଧାରଣ ଏଭଳି ଏକ ସରକାରକୁ ନିର୍ବାଚିତ କଲେ ଯାହା ଏହି ଦେଶର ମାଟି, ସଂସ୍କୃତି ସଭ୍ୟତା, ପ୍ରତୀକରୁ ପ୍ରେରଣା ଲାଭ କରୁଥିଲା, ଗୋରା ମାନଙ୍କ ଠାରୁ ନୁହେଁ । ଏହା ବ୍ରିଟେନର ଗୋରା ମାନଙ୍କ ପାଇଁ ତଥା ଭାରତରେ ଥିବା ସେମାନଙ୍କର ମାନସିକ ଭାବେ ଗୋଲାମ ମାନଙ୍କ ଏକ ଶକ୍ତ ଧକ୍କା ଥିଲା । ସେମାନେ ଏହାକୁ ହଜମ କରି ପାରୁ ନ ଥିଲେ । ୨୦୧୪ ମସିହା ପରେ ୨୦୧୯ ମସିହାରେ ମଧ୍ୟ ଏହି ସରକାରକୁ ଲୋକ ମାନେ ପୁଣି ଥରେ ଜିତାଇଲେ । ଏହା ଗୋରା ମାନଙ୍କ ପାଇଁ ଓ ଭାରତରେ ଥିବା ବ୍ରେକିଂ ଇଣ୍ଡିଆ ଫୋର୍ସର ସଦସ୍ୟ ମାନଙ୍କ ପାଇଁ ଅସହ୍ୟ ଥିଲା । ଏବେର ସରକାର ଭାରତର ପୁରାତନ ସଭ୍ୟତା, ସଂସ୍କୃତି ଆଧାରରେ ଅଗ୍ରସର ହେଉଛି । କେବଳ ସେତିକି ନୁହେଁ ଭାରତର ସାଂସ୍କୃତିକ ଉତଥାନ ସହିତ ଭାରତ ଆର୍ଥିକ ପ୍ରଗତି ମଧ୍ୟ ଦୃତ ଗତିରେ କରୁଛି । ଏବେ ଭାରତ ଗୋରା ମାନଙ୍କ ଆଗରେ ଆଖିରେ ଆଖି ମିଶାଇ କଥା କହୁଛି ଓ ତାଙ୍କୁ ଉଚିତ ଜବାବ ଦେଉଛି । ଆର୍ଥିକ ମାମଲାରେ ଭାରତ ବ୍ରିଟେନକୁ ମଧ୍ୟ ପଛରେ ପକାଇ ସାରିଲାଣି । ଯେଉଁ ଦେଶଉପରେ ଦୀର୍ଘ ଦିନ ଧରି ଗୋରା ମାନେ ଶାସନ କରିଥିଲେ ତାର ଏଭଳି ପ୍ରଗତି ହେବାକୁ ଦେଖିବା ତାଙ୍କ ପକ୍ଷେ ସହ୍ୟ ହେଉ ନାହିଁ।

ଏବେ ଏହି ଶକ୍ତି ମାନେ ତାଙ୍କ ଦେଶର ଏହି ବିବିସି ନାମକ ଉପରକରଣ ଜରିଆରେ ଏହି ଡକ୍ୟୁମେଂଟାରୀ ଜାରି କରିଛନ୍ତି । ଏହି ଡକ୍ୟୁମେଂଟାରୀ ଆସିବା ପରେ ଭାରତରେ ବସିଥିବା ତାଙ୍କର ମାନସପୁତ୍ର ମାନେ ଖୁସିରେ ନାଚ –ଗୀତ କରିବା ଓ ଡେଇଁବା ଆରମ୍ଭ କରି ଦେଇଛନ୍ତି । ସେମାନଙ୍କର ଖୁସିର ସୀମା ନାହିଁ । ତେବେ ଭାରତର ଲୋକ ମାନେ ଏହାକୁ ଭଲ ଭାବେ ବୁଝି ସାରିଛନ୍ତି । ତେଣୁ ଏହି ନାଚକୁଦ କରୁଥିବା ଗୋଷ୍ଠୀକୁ ଏଥିରୁ କୌଣସି ଲାଭ ହେବ, ସେପରି ଲାଗୁ ନାହିଁ

ଚୀନର ସରକାରୀ ସମ୍ବାଦପତ୍ର ଗ୍ଲୋବାଲ ଟାଇମ୍ସ ଖୋଲା ଖୋଲି ଭାବେ ଭାରତ ବିରୋଧୀ । ତେବେ ଏହି ସମ୍ବାଦପତ୍ରର ଏକ ସ୍ତମ୍ଭଲେଖକ ଏହି ପ୍ରସଙ୍ଗକୁ ନେଇ ଯାହା ଲେଖିଛନ୍ତି ତାହା ଯଥାର୍ଥ ଭଳି ମନେ ହେଉଛି । ସେ ଲେଖିଛନ୍ତି – "ଭାରତ ଉପରେ ଅଧିରାଜତ୍ୱ ଥିବାର ମାନସିକତା ବ୍ରିଟେନ ମଧ୍ୟରେ ଏବେ ମଧ୍ୟ ରହିଛି । ବ୍ରିଟେନର ଅଧୀନରେ ଥିବା ଏକ ଦେଶ ଭାରତ ଯେତେବେଳେ ତାଙ୍କୁ ଜିଡିପି କ୍ଷେତ୍ରରେ ପଛରେ ପକାଇ ଦେଇଛି ସେତେବେଳେ ବ୍ରିଟେନକୁ ଏହା ମାନସିକ ଭାବେ କଷ୍ଟ ଦେଉଛି। ଭାରତ ଯେତେ ବିକଶିତ ହେବ ବ୍ରିଟେନର କଷ୍ଟ ବଢି ବଢି ଚାଲିବ ।" ବର୍ତମାନର ଘଟଣା ଉପରେ ଚୀନର ସ୍ତମ୍ଭ ଲେଖକଙ୍କ ଏହି ବ୍ୟାଖ୍ୟା ଠାରୁ ଯଥାର୍ଥ ବ୍ୟଖ୍ୟା ବୋଧ ହୁଏ ଆଉ ହୋଇ ନ ପାରେ । ଯେଉଁ ଦେଶ ତାଙ୍କର ଅଧୀନରେ ଥିଲା ସେହି ଦେଶ ଆଜି ତାଙ୍କ ଠାରୁ ଆର୍ଥିକ ଦୃଷ୍ଟିରେ ଆଗକୁ ଚାଲିଗଲାଣି । ତେଣୁ ଗୋରା ମାନେ ଛଟପଟ ହେବା ସ୍ୱାଭବିକ ।

ଭାରତ ସରକାର ଏହାକୁ ନେଇ ଅତ୍ୟନ୍ତ କଠୋର ପ୍ରତିକ୍ରିୟା ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଅରିନ୍ଦନ ବାଗଚୀ ଏ ସମ୍ପର୍କରେ ପଚାରା ଯାଇଥିବା ପ୍ରଶ୍ନର ଉତରରେ କହିଛନ୍ତି – "ମୋତେ ସ୍ପଷ୍ଟ କରିବାକୁ ଦିଅନ୍ତୁ ଆମ ମତରେ ଏହା ଏକ ପ୍ରପାଗଣ୍ଡା ପିସ୍ ଅଟେ । ଏହାର ଉଦ୍ଦେଶ୍ୟ ଏଭଳି ଏକ ନ୍ୟାରେଟିଭକୁ ପ୍ରସ୍ତୁତ କରିବା ଯାହାକୁ ଲୋକ ମାନେ ବହୁ ପୂର୍ବରୁ ଖାରଜ କରି ସାରିଛନ୍ତି । ଏଭଳି ଫିଲ୍ମ ବା ଡକ୍ୟୁମେଂଟାରୀ ତିଆରି କରିଥିବା ଏଜେନ୍ସୀ ଓ ବ୍ୟକ୍ତି ଏହି ନ୍ୟାରେଟିଭକୁ ପୁଣି ଥରେ ଚଳାଇବାକୁ ଚାହୁଁଛନ୍ତି । "

ଏହି ଡକ୍ୟୁମେଂଟାରୀକୁ ନେଇ ଭାରତରେ ଗୋରାଙ୍କର ମାନସିକ ଗୋଲାମ ମାନେ ହିଁ ଖୁସିରେ ନାଚୁଛନ୍ତି ତା ନୁହେଁ ବ୍ରିଟେନ ସଂସଦରେ ପାକିସ୍ତାନ ବଂଶୋଦ୍ଭବ ସାଂସଦ ଇମରାନ ହୁସେନ ମଧ୍ୟ ନାଚିବା ଆରମ୍ଭ କରି ଦେଇଛନ୍ତି ହେଲେ ବ୍ରିଟେନର ପ୍ରଧାନମନ୍ତ୍ରୀ ଋଷି ସୁନକ ଏହି ପାକିସ୍ତାନୀ ବଂଶୋଦ୍ଭବ ସାଂସଦଙ୍କୁ ଚୁପ କରାଇ ଦେଇଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ପର୍କରେ ଚରିତ୍ରିକରଣ ସହ ସେ ସହମତ ନାହାନ୍ତି । ଏହା କେବଳ ହୁସେନଙ୍କୁ ଚାପୁଡା ନଥିଲା ଡକ୍ୟୁମଂଟାରୀ ତିଆରି କରିଥିବା ଗୋରା ମାନଙ୍କୁ ମଧ୍ୟ ଚାପୁଡା ଥିଲା । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଭାରତ ଯେତେ ଅଗ୍ରସର ହେବ ଗୋରା ମାନେ ସେତେ ଛଟପଟ ହେବେ । ସେମାନେ ଆଗାମୀ ଦିନରେ ଏଭଳି ଆହୁରି ଆକ୍ରମଣ କରିବେ । ଭାରତବାସୀଙ୍କୁ ଏଥି ପାଇଁ ପ୍ରସ୍ତୁତ ରହିବାକୁ ପଡିବ ।

# ବିଚାରପତି ଗତିକୃଷ୍ଣ ମିଶ୍ର

*ସୌର ଚନ୍ଦ୍ର ମହାପାତ୍ର*

ଆଇନ ଅଦାଲତ ଦୁନିଆରେ ଜଷ୍ଟିସ ଗତିକୃଷ୍ଣ ମିଶ୍ର ଏକ ସୁପରିଚିତ ନାମ। ନିରପେକ୍ଷ, ନ୍ୟାୟପୂର୍ଣ୍ଣ ବିଚାର ପାଇଁ ସେ ପ୍ରସିଦ୍ଧ ଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ବିଜ୍ଞାନରେ ଇଣ୍ଟରମିଡ଼ିଏଟ ଉତ୍ତୀର୍ଣ୍ଣ ହେବା ପରେ, ପାଟନା ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଓ ଆଇନ ପଢ଼ିଥିଲେ। ୧୯୪୦ରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୧୯୪୩ରେ ମୁନସ। ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ପରେ ଚାକିରିରୁ ଇସ୍ତଥା ଦେଇ ପୁନର୍ବାର ଓକିଲାତି କରିଥିଲେ। ଅସାଧାରଣ ପ୍ରତିଭା, କର୍ମନିଷ୍ଠା ଓ ପାରଦର୍ଶିତା ଯୋଗୁଁ ସରକାର, ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେଇଥିଲେ। ୧୯୬୯ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ। ମୁଖ୍ୟ ବିଚାରପତି ଥିବାବେଳେ ୧୯୭୨ ଓ ୧୯୭୪ରେ ଆମ ରାଜ୍ୟର କାର୍ଯ୍ୟକାରୀ ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ। ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନ ଓ ସଂସ୍କାର ଦ୍ୱାରା ଲୋକଙ୍କୁ ନ୍ୟାୟ ମିଳିପାରିବ ଏବଂ ଏଥିପାଇଁ ଓକିଲଙ୍କୁ ତାଲିମ ତଥା ତ୍ୱରାନ୍ୱିତ ବିଚାର ବ୍ୟବସ୍ଥା ପାଇଁ ଅଧିକ ଲୋକ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ସପକ୍ଷରେ ସେ ଦୃଢ଼ ମତ ପୋଷଣ କରୁଥିଲେ। ୧୯୧୩ ଅକ୍ଟୋବର ୩୧ ତାରିଖ ଦିନରେ ଢେଙ୍କାନାଳ ଜିଲ୍ଲା ଗଇଲୋ ଗ୍ରାମରେ ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର ଜନ୍ମ ଗ୍ରହଣ କରିଥିଲେ। ଆଜିର ଭାରତର ନ୍ୟାୟିକ ବ୍ୟବସ୍ଥା ଓ ବିଳମ୍ବିତ ନ୍ୟାୟକୁ ନେଇ ଯେଉଁପରି ଉଦ୍‌ବେଗଜନକ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଛି ଏପରି ସମୟରେ ବିଚାରପତି ଗତିକୃଷ୍ଣ ମିଶ୍ରଙ୍କ ଆଦର୍ଶଣୀୟ ବିଚାରବନ୍ତ ନ୍ୟାୟ ପଦ୍ଧତିର ଜୀବନ ପ୍ରତିଟି ଆଇନଜୀବୀଙ୍କ ପାଇଁ ସ୍ମରଣୀୟ। ତୀକ୍ଷ୍ଣ ବୁଦ୍ଧି ଆଇନର ସୂକ୍ଷ୍ମାତିସୂକ୍ଷ୍ମ ଓ ଜଟିଳ ଆଇନ କ୍ଷେତ୍ର ଉପରେ ତାଙ୍କର ଅଗାଧ୍ୟ ପାଣ୍ଡିତ୍ୟ ଥିଲା। ତାଙ୍କ ନିରଳସ, ନିରାଡ଼ମ୍ବର, ସରଳ ଜୀବନ ଓ ଯୁବ ଆଇନଜୀବୀଙ୍କ ପାଇଁ ସେ ଯେଉଁପରି ଉଚିତ ନ୍ୟାୟ ପଦ୍ଧତିର ମାର୍ଗ ଦେଖାଉଥିଲେ ତାହାକୁ ଆଜିର ଦିବସରେ ସ୍ମରଣ କରିବା ଅତ୍ୟନ୍ତ ପ୍ରାସଙ୍ଗିକ।

***ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ***
***ନ୍ତସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର-୬, କଟକ***

# ନାଦ ଅଧିନସ୍ଥ ଜଗତ ସର୍ବସ୍ୱ

**ସତ୍ୟବ୍ରତ ପାଣିଗ୍ରାହୀ**

ଏକଦା ଜଣେ ବାଳକ ବିଶ୍ୱର ସମସ୍ତ ଜଡ ଓ ଚେତନା ତତ୍ତ୍ୱର ମୂଳ ଉତ୍ସ ସନ୍ଧାନ କରିବାର ଜିଜ୍ଞାସା କରି ଗୁରୁଙ୍କ ନିକଟକୁ ଗଲେ । ଗୁରୁ ସେହି ବାଳକର ଆଗ୍ରହ ଦେଖି ତାକୁ ଶିଷ୍ୟ ରୂପେ ଗ୍ରହଣ କଲେ। ଶିଷ୍ୟ ମଧ ଆଶ୍ରମରେ ରହି ବିଦ୍ୟା ଅଧ୍ୟୟନ କରିବା ସହ ନିଷ୍ଠାର ସହ ଗୁରୁ ସେବା କଲେ। ଶିଷ୍ୟର ଭକ୍ତିରେ ପ୍ରୀତ ହୋଇ ଗୁରୁ ସେହି ବାଳକକୁ କହିଲେ, ସମଗ୍ର ସୃଷ୍ଟିର ସାର ତତ୍ତ୍ୱ ଓଁକାର, ଯାହାର ଗୁପ୍ତରହସ୍ୟ ଜାଣିଲେ ଆଉ କିଛି ଅଜ୍ଞାତ ରହିବ ନାହିଁ। ଶିଷ୍ୟ ଆନନ୍ଦର ସହ ଏହି ଗୁପ୍ତଜ୍ଞାନ ଗ୍ରହଣ କଲେ ମଧ ସର୍ବସାଧାରଣରେ ତାହାର ବହୁଳ ବ୍ୟବହାରକୁ ଲକ୍ଷ୍ୟ କରି ଆଚମ୍ବିତ ହୋଇପଡିଲେ। ଗୁରୁବାକ୍ୟ ପ୍ରତି ତାଙ୍କ ମନରେ ଶଙ୍କା ଜାତ ହେଲା ଏବଂ ସେ ତୁରନ୍ତ ଗୁରୁଙ୍କ ନିକଟକୁ ଯାଇ ନିଜ ମନର ଶଙ୍କା ପ୍ରକାଶ କଲେ। ତତ୍ପରେ ଗୁରୁଦେବ ଶିଷ୍ୟକୁ ଏକ ପ୍ରସ୍ତର ପ୍ରଦାନ କରି କହିଲେ ,'ଯାଅ,ଏବଂ ଏହାର ଉଚିତ ମୂଲ୍ୟ ସନ୍ଧାନ କରି ଆସ। 'ଶିଷ୍ୟ ଗୁରୁ ଆଦେଶ ମାନି ମୂଲ୍ୟ ନିରୂପଣ କରିବା ପାଇଁ ବିଭିନ୍ନ ସ୍ଥାନ ଭ୍ରମଣ କଲେ। କିନ୍ତୁ, ସମସ୍ତେ ସାଧାରଣ ପ୍ରସ୍ତର ଭାବି ଶିଷ୍ୟକୁ ତଡିଦେଲେ। ଶେଷରେ ଜଣେ ଦକ୍ଷ ସ୍ୱର୍ଣ୍ଣକାରିଗର ସେହି ପ୍ରସ୍ତରକୁ ଏକ ମୂଲ୍ୟବାନ ରତ୍ନ ଭାବରେ ଚିହ୍ନଟ କରିଥିଲେ କିନ୍ତୁ ମୂଲ୍ୟ ନିର୍ଣ୍ଣୟ କରିପାରିଲେ ନାହିଁ। ଶିଷ୍ୟ ସମସ୍ତ କଥା ଯାଇ ଗୁରୁଙ୍କୁ କହିଲେ । ଗୁରୁ ସେଠାରେ ଉପଦେଶ ଦେଲେ ଯେ, 'ଯେଉଁଭଳି ଏହି ମୂଲ୍ୟବାନ ରତ୍ନ ର ଗୁରୁତ୍ୱ ସର୍ବସାଧାରଣ ବୁଝିପାରନ୍ତି ନାହିଁ ,ଠିକ ସେହିପରି ଓଁକାର ଶବ୍ଦ ର ସର୍ବସାଧାରଣରେ ଉଚ୍ଚାରଣ ହେଉଥିଲେ ମଧ ତାହାର ରହସ୍ୟ ଉନ୍ମୋଚନ କରିବା ଅତ୍ୟନ୍ତ ଦୁର୍ଲ୍ଲଭ ଓ କଷ୍ଟ।

ଉପରୋକ୍ତ ଗଳ୍ପରୁ ଏହି ଶିକ୍ଷା ମିଳେ ଯେ, ଓଁ ର ତାତ୍ପର୍ଯ୍ୟ ବୁଝିବା ପାଇଁ କେବଳ ଉଚ୍ଚାରଣ ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ମନନ-ଚିନ୍ତନ-ନିଦିଧ୍ୟାସନ। ପତଞ୍ଜଳି ଯୋଗ ଦର୍ଶନ ରେ ଉଲ୍ଲେଖ ରହିଛି–'ତତ୍ ଜପସ୍ତ ତଦର୍ଥ ଭାବନସ୍ତ'।( ଯୋଗସୂତ୍ର-୧/୨୮) ଅର୍ଥାତ ଯାହା ବି ଜପ କରାଯାଏ ,ତାହାର ଅର୍ଥପୂର୍ଣ୍ଣ ତାତ୍ତ୍ୱିକ ବିଶ୍ଳେଷଣ ଏବଂ ତାତ୍ପର୍ଯ୍ୟ ଅନ୍ୱେଷଣ କରିବା ଉଚିତ।ପ୍ରଣବ ଶବ୍ଦ ସମ୍ବନ୍ଧରେ ସୂତ୍ରକାର କହନ୍ତି– 'ତସ୍ୟ ବାଚକ ପ୍ରଣବ'। (ପତଞ୍ଜଳି ଯୋଗସୂତ୍ର-୧/୨୭)।

ଅର୍ଥାତ ସେହି ଈଶ୍ୱରଙ୍କର ବୋଧକ ଶବ୍ଦ ଓଁ ପଦରୁ ଜଣାପଡେ। ଅ,ଉ,ମ ଏହି ତିନୋଟି ଅକ୍ଷର ମିଳିତ ହୋଇ ଓଁକାର ହୋଇଅଛି। ଏହି ତିନୋଟି ଅକ୍ଷର ବ୍ରହ୍ମାଣ୍ଡର ତିନୋଟି ଗୁଣ ସତ୍ତ୍ୱ ,ରଜ,ତମ ; ପରମାତ୍ମାଙ୍କ ତିନୋଟି ଭେଦ: ବିରାଟ(ସ୍ଥୁଳ),ହୀରଣ୍ୟଗର୍ଭ(ସୂକ୍ଷ୍ମ), ଈଶ୍ୱର(କାରଣ) ; ସୃଷ୍ଟି ର ତିନି କ୍ରିୟା: ଉତ୍ପତ୍ତି ,ସ୍ଥିତି ଓ ପ୍ରଳୟ ; ଚେତନାର ତିନି ଅବସ୍ଥା: ବୈଶ୍ୱ(ଜାଗ୍ରତ), ତୈଜସ(ସ୍ୱପ୍ନ),ପ୍ରଜ୍ଞା(ସୁଷୁପ୍ତି) ରୂପରେ ବିଦ୍ୟମାନ।

ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି:'ପ୍ରଣବ ସର୍ବବେଦେଷୁ'- ମୁଁ ହେଉଛି ସକଳ ବେଦର ଓଁକାର। ଯୋଗମାର୍ଗରେ ଚାଳିତ ହେଉଥିବା ସାଧକମାନଙ୍କୁ ଲକ୍ଷ୍ୟ କରି ଉପନିଷଦରେ କୁହାଯାଇଛି;'ପ୍ରଣବୋ ଧନୁ ଶରଃ ଆତ୍ମା ବ୍ରହ୍ମ ତତ୍ ଲକ୍ଷ୍ୟସ୍ୟମୁଚ୍ୟତେ।' ଅର୍ଥାତ ପ୍ରଣବ ଓଁକାର ଧନୁ ଅଟେ। ଆତ୍ମା ଶର ଅଟେ। ବ୍ରହ୍ମଙ୍କୁ ଲକ୍ଷ୍ୟସ୍ଥଳ କୁହାଯାଇଛି। ସୃଷ୍ଟି ଆରମ୍ଭର ମୂଳଧ୍ୱନି ହେଉଛି ଓଁକାର। ଏହାକୁ ନାଦବ୍ରହ୍ମ କୁହାଯାଏ। ଏହି ନାଦ ଦ୍ୱାରା ସୃଷ୍ଟି ହୋଇଥିବା କମ୍ପନ ବା ବିସ୍ଫୋରଣ(ଈସଶ-ଈବଭଶ)ରୁ ହିଁ ଜଗତ ବ୍ୟକ୍ତ ହୋଇଛି। ଏହା ଆଧୁନିକ୍‌ବିଜ୍ଞାନ ସମ୍ମତ ତଥ୍ୟ । ଓଁକାର ଧ୍ୱନି କୁ ଅନାହତ ଧ୍ୱନି କୁହାଯାଏ ଯାହାକି ବିନା କୌଣସି ଆଘାତରେ ସୃଷ୍ଟି ହୁଏ ଏବଂ ଏହାର ଆଦି ଅନ୍ତ ନାହିଁ। ଆମ ନିଃଶ୍ୱାସ-ପ୍ରଶ୍ୱାସ ନେବା ସମୟରେ ଯେଉଁ ଅସ୍ପଷ୍ଟ 'ହଂସ-ସ' ଧ୍ୱନି ଉତ୍ପତ୍ତି ହୁଏ,ତାହା ହିଁ ଅନାହତ ନାଦ ବା ଅଜପା-ଜପ। ମନୁଷ୍ୟର କର୍ଣ୍ଣେନ୍ଦ୍ରିୟ ୨୦ ରୁ ଆରମ୍ଭ କରି ୨୦୦୦୦ ହର୍ଜ୍ ଆବୃତ୍ତିଯୁକ୍ତ ଧ୍ୱନି ତରଙ୍ଗ ଶୁଣିପାରେ। ଏହାଠାରୁ ଅଧିକ ବା ଅଳ୍ପ ଆବୃତ୍ତିଯୁକ୍ତ ଧ୍ୱନିକୁ ପରାଧ୍ୱନି ବା ଅନାହତ ନାଦ କୁହାଯାଏ। ଭର୍ତ୍ତୃହରି ରଚିତ ବାକପଦୀୟ ଗ୍ରନ୍ଥରେ ବର୍ଣ୍ଣିତ ଶବ୍ଦବ୍ରହ୍ମ ଦର୍ଶନ ଅନୁସାରେ ନାଦ ଚାରିପ୍ରକାର – ପରା,ପଶ୍ୟନ୍ତି, ମଧ୍ୟମା, ବୈଖାରୀ। ଧ୍ୱନିର ଏହି ବିଭାଗୀକରଣ ବୈଜ୍ଞାନିକଯୁକ୍ତିଯୁକ୍ତ ଅଟେ। ସାଧାରଣରେ କଥିତ ଶବ୍ଦ କୁ ବୈଖାରୀ କୁହାଯାଏ । ଧ୍ୱନିର ସୂକ୍ଷ୍ମ ରୂପକୁ ପରା କୁହାଯାଏ। ସ୍ପନ୍ଦନରୁ ଜାତ ନାଦ, ନାଦ ରୁ ଜାତ ସଙ୍ଗୀତ, ସଂଗୀତରୁ ବ୍ୟକ୍ତ ହୁଏ ଅଖିଳ ବିଶ୍ୱପ୍ରପଞ୍ଚ। ଯାହାକିଛି ବସ୍ତୁ ଆମେ ଦେଖୁଛୁ, ତାହା ନାଦ ର ଜ୍ୟାମିତିକ ଚିତ୍ର ମାତ୍ର। ନାଦ ଅଭାବରେ ଜୀବନଜଗତ ନିଶ୍ଚଳ ହୋଇଯିବ। ନାଦର ମହତ୍ତ୍ୱକୁ ଉପଲବ୍ଧି କରି ହିନ୍ଦୁ ଦେବାଦେବୀ ଙ୍କ ନିକଟରେ ଏକ ନାଦସଙ୍ଗୀତ ଉତ୍ପନ୍ନକାରୀ ଯନ୍ତ୍ର ଯଥା- ବୀଣା,ବଂଶୀ, ଡମରୁ, ଶଙ୍ଖ ଆଦି ଦେଖିବାକୁ ମିଳେ। ଏହା ଏକ ପ୍ରତୀକାତ୍ମକ କଳା ଅଟେ, ଯେଉଁଥିରେ ପ୍ରତୀକ ମଧ୍ୟରେ ଲୁଚି ରହିଥାଏ କିଛି ବାର୍ତ୍ତା। ନାଦର ଆମ ମନ ଓ ଶରୀର ଉପରେ ପ୍ରଭାବ ରହିଛି। ପ୍ରତ୍ୟେକ ଧ୍ୱନି ମନରେ ଏକ ନିର୍ଦ୍ଦିଷ୍ଟ ଭାବନା ରସ ଉଦ୍ରେକ କରେ । ତେଣୁ ନାଦଯୋଗ ଓ ସଙ୍ଗୀତକୁ ମନସ୍ତାତ୍ତ୍ୱିକ ଚିକିତ୍ସାରେ ବ୍ୟବହାର କରାଯାଏ ।

ସୃଷ୍ଟି ର ସମଗ୍ର ତତ୍ତ୍ୱ ଏହି ଓଁକାର ନାଦରେ ସମାହିତ। ଐତେରେୟ ବ୍ରାହ୍ମଣ ରେ ଉଲ୍ଲେଖ ଅଛି 'ନ ବୈ ବାକ କ୍ଷୀୟତେ' , ଅର୍ଥାତ ବାଣୀର କ୍ଷୟ ହୁଏ ନାହିଁ। ସେଥିପାଇଁ ନାଦ କୁ ଅକ୍ଷର କୁହାଯାଏ, ଯାହା ନଷ୍ଟ ହୁଏ ନାହିଁ ତାହା ଅକ୍ଷର। ବ୍ରହ୍ମାଙ୍କ ବେଦନିଃସୃତ ବାଣୀ ହିଁ ଓଁକାର, ଶ୍ରୀକୃଷ୍ଣଙ୍କ ମଧୁର ବଂଶୀସ୍ୱନ ହେଉଛି ଓଁକାର ଏବଂ ଶିବଙ୍କ ଉଗ୍ର ତାଣ୍ଡବ ରୁ ନିର୍ଗତ କମ୍ପନ ମଧ ସେହି ଓଁକାର। ପିଣ୍ଡ-ବ୍ରହ୍ମାଣ୍ଡ ର ଆଧାର ଓଁକାର। ଏହି ଓଁକାର ଧ୍ୱନିକୁ ସମସ୍ତ ଧର୍ମ ଯଥା ହିନ୍ଦୁ,ବୌଦ୍ଧ, ଜୈନ, ଖ୍ରୀଷ୍ଟ, ଇସଲାମ,ସାକାରବାଦୀ, ନିରାକାରବାଦୀ ଉପଯୋଗ କରନ୍ତି। ଏହା ଏକ ସାର୍ବଭୌମ ତତ୍ତ୍ୱ। ବାଇବେଲ(ଜନ-୧.୧-୩) କହେ ପ୍ରଥମେ ଥିଲା ଶବ୍ଦ , ଓ ସେହି ଶବ୍ଦ ଈଶ୍ୱରଙ୍କ ସହ ଥିଲା ଏବଂ ଶବ୍ଦ ହିଁ ଈଶ୍ୱର। ବିଶ୍ୱର ଯେକୌଣସି ଭାଷା ର ଶବ୍ଦ ଉଚ୍ଚାରଣ କଲାବେଳେ ମୁଖ ଖୋଲିବା ସମୟରେ ସର୍ବଦା ଅ-କାର ନିର୍ଗତ ହୁଏ। ମୁଖ ବନ୍ଦ କରିବା ସମୟରେ ମ-କାର ନିର୍ଗତ ହୁଏ। ଏହି ଦୁଇ ଅବସ୍ଥାର ମଧ୍ୟରେ ଉ-କାର ସୃଷ୍ଟି ହୁଏ। ତେଣୁ ସମସ୍ତ ଶବ୍ଦ,ବର୍ଣ୍ଣ,ଭାଷା ଏହି ଓଁକାର ଅନ୍ତର୍ଗତ ଅଟନ୍ତି। ଏହି ଓଁକାର ଶାନ୍ତସ୍ୱ-ଶିବସ୍ୱ-ଅଦ୍ୱୈତସ୍ୱ ବ୍ରହ୍ମଙ୍କ ପରିଚାୟକ। ଏତିକି ବେଳେ ଓଡ଼ିଶାର ପ୍ରଖ୍ୟାତ ଭଜନସମ୍ରାଟ ଭିକାରୀ ବଳ ଙ୍କ ଏକ ଭଜନ ମନେପଡିଯାଏ- 'ଗାଇ ଗାଇ ରାମାୟଣ, ଶୁଣି ଶୁଣି ଗୀତା, ପଢି ପଢି ଭାଗବତ, ସରେନା ଯା କଥା'। ଅର୍ଥାତ ସେହି ଓଁ ହେଉଛି ଅସୀମିତ ଜ୍ଞାନର ଭଣ୍ଡାର ଯାହାର ଅନ୍ତ ନାହିଁ। ଭାଗବତ ରେ କୁହାଯାଇଛି- 'ଓଁକାର ରୂପେ ଥିଲା ବେଦ, କେହି ନ ଜାଣେ ତାର ଭେଦ'। ଆଦ୍ୟଧ୍ୱନି ଓଁକାର ତତ୍ତ୍ୱର ରହସ୍ୟ ଜାଣିବା ପାଇଁ ସାଧନା, ସ୍ୱାଧ୍ୟାୟ, ତପ ଓ ଭକ୍ତିର ଏକୀକୃତ ପ୍ରୟାସ ଲୋଡା। ସେହି ଅକ୍ଷରବ୍ରହ୍ମ ସକଳ ଜଗତ ପ୍ରପଞ୍ଚର ସାର ଓଁକାର ନାଦର ଅଧୀନରେ ସାରା ଜଗତ ତିଷ୍ଠି ରହିଛି।

# ପତିବ୍ରତାର ସଂକଳ୍ପ



ଅପର୍ଣ୍ଣା ନାୟକ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସଫଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ପରିବର୍ତ୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଞ୍ଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ଫେରି ପାଇବାରେ ମଧ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ – ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ଫେରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଞ୍ଚିଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ କିଂକର୍ତ୍ତବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ଫେରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

*ଯଜାତି ଭବନ, ସେକ୍ଟର-୧୦, ସିଡିଏ, କଟକ*




# ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ



ଖଜୁରୀପଡା,(ପି.ଏନ): ଓଡିଶା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକରୁ ଅଧିକ ସୁଗମ କରିବା ପାଇଁ ରାଜ୍ୟସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା ଲାଗୁ କରିଛନ୍ତି । ଉକ୍ତ ଉତ୍ସବରେ କଟକ ଯୋଗଦେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଉଦ୍ ଘାଟନ କରିଥିବା ବେଳେ କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୁଡୁକୁମ୍ପା ଓ ବିଳାବାଡି ଏବଂ ବଲସକୁମ୍ପା ସମେତ ବିଭିନ୍ନ ସ୍ଥାନରେ ଖଜୁରୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହୀନିପତିଙ୍କ ତତ୍ତ୍ୱାବଧାନରେ ଉଦ୍ ଘାଟନ ହୋଇଯାଇଛି । ସୁଡୁକୁମ୍ପାର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶ୍ରୀ ଦଶରଥ ଯାନୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଡକ୍ଟର ଶୁଭକାନ୍ତ ଦେବରା,ଅବଜର୍ଭ ଭାବେ ଫୁଲବାଣୀ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ସମ୍ମାନୀତ ଅତିଥି ରୂପେ ୩ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ମମତା ମଲିକ,ସମିତି ସଭ୍ୟ ସଭାପତି ଶ୍ରୀ ବୈଦ୍ୟନାଥ ବେହେରା, ସୁଦ୍ରେଜୁ ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ପ୍ରଧାନ, ସମିତି ସଭ୍ୟ ଶ୍ରୀମତୀ ଦମୟନ୍ତୀ ଯାନୀ , ଖଜୁରୀପଡା ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁ ଯୋଗଦେଇ ଥିଲେ । ବିଳାବାଡିରେ ମୁଖ୍ୟ ଅତିଥି ଖଜୁରୀପଡା ବିଡ଼ିଓ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହୀନିପତିଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଶ୍ରୀ ରବିନ୍ଦ୍ର ଭୁକ୍ତା , ଖଜୁରୀପଡା ବ୍ଲକ ସଂପ୍ରସାରଣ ଅଧିକାରୀ ରାଜେଶ ସହ ମୁର୍ମୁ ପ୍ରମୁଖ ଯୋଗଦେଇ ଥିଲେ । ବଲସକୁମ୍ପା ର ବାରିକୁମ୍ପା ଠାରେ ମୁଖ୍ୟ ଅତିଥି ଖଜୁରୀପଡା ପଞ୍ଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ରୂପେ ଖଜୁରୀପଡା ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ସାଂସଦ ପ୍ରତିନିଧି ମନୋଜ କୁମାର ପଣ୍ଡା, ସ୍ୱାସ୍ଥ୍ୟ ପ୍ରତିନିଧି ରାଇ କିଶୋର ପ୍ରଧାନ ଯୋଗଦେଇ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ତଦ୍ ସହିତ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ସଭ୍ୟା ମାନେ ଅଂଶଗ୍ରହଣ କରିଥିଲେ । ସୂଚନା ପ୍ରକାରେ ଏହି ଯୋଜନାରେ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ଲକ୍ଷ ଓ ମହିଳା ହିତାଧିକାରୀ କ୍ଷେତ୍ରରେ ଅତିରିକ୍ତ ୫ ଲକ୍ଷ ପ୍ରଦାନ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଯଦି ହିତାଧିକାରୀ ୭୦ ବର୍ଷରୁ ଅଧିକ ହୋଇଥିବ ତେବେ ତାଙ୍କୁ ସ୍ୱତନ୍ତ୍ର କାର୍ଡ ପ୍ରଦାନ କରାଯିବ । ସରକାର ୩ ମାସ ମଧ୍ୟରେ ଏହି ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ କାର୍ଡ ଓଡ଼ିଶାର ପ୍ରତ୍ୟେକ ପରିବାରକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡିଶାର ବରପୁତ୍ରଙ୍କ ଉପରେ ଆଲୋଚନା

ରାୟଗଡା ,(ପି.ଏନ): ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଶନିବାର ଦିନ ଓଡ଼ିଶାର ବରେଣ୍ୟ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ଜିବନୀ ଓ ଅବଦାନ ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ନାଏକ, ମୁଖ୍ୟ ବକ୍ତା ଭାବେ ରାୟଗଡା ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ରଘୁନାଥ ଭୁଏ, ସମ୍ମାନିତ ଅତିଥି ରୂପେ ପ୍ରକଳ୍ପ ପ୍ରଶାସକ ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ମାଝୀ,ବିଶିଷ୍ଟ ଆଇନଜିବୀ ଶ୍ରୀମତୀ ପ୍ରଣତି ପାତ୍ର, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷା ଶ୍ରୀମତୀ ସରସ୍ୱତୀ ରାୟ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ଏବଂ ଆବାହିକା ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ନାଏକ ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବ ବିଷୟରେ ଆଲୋଚନା କରିବା ସହ ଓଡ଼ିଆ ଭାଷା, ପରମ୍ପରା, ବେଶ ପୋଷାକ, ଜୀବନ ଶୈଳୀ ପାଇଁ ଆମ ଓଡିଶା ଗାରିମାମୟ ହୋଇପାରିଛି, ବରପୁତ୍ରଙ୍କ ଜିବନୀ ଆମକୁ ଗର୍ବିତ କରିବା ସହ ଓଡ଼ିଆ ଅସ୍ମିତାର ରକ୍ଷା କରିବାରେ ପ୍ରେରଣା ଦେଇଥାଏ ବୋଲି ପ୍ରକାଶ କରିଥିଲେ । ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ଓଡ଼ିଆ ବରପୁତ୍ରଙ୍କ ସ୍ୱାଭିମାନ, ତ୍ୟାଗ, ବୀରତା ଓ ସଚ୍ଚୋଟ ପଣିଆ ଆଦି ଦିଗ ଉପରେ ଆଲୋକପାତ କରିବା ସହ ନୂତନ ପିଢ଼ି ଏହାର ମାର୍ଗଦର୍ଶୀ ହେବାପାଇଁ ଉତ୍ସାହିତ କରିଥିଲେ ।

# ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା ।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା ।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍‌ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍‌ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସ୍ନାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବିଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ‘ ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ‘ କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢ଼େଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ( ହୀରକ ଜୟନ୍ତୀ ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ। ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ମହୋତ୍ସବ ଦୁଇ ଦିନ ଧରି ହେବ। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲିପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ‘ ସ୍ମରଣିକା ‘ ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

## ହିଙ୍ଗୁଳା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ମା ହିଙ୍ଗୁଳାଙ୍କ ମନ୍ଦିରରେ ମା ହିଙ୍ଗୁଳା, ମା ଶାରଳାଙ୍କ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୫ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦୈନିକ ନିତିକାନ୍ତି ହୋଇ ପୂଜା ଅନୁଷ୍ଠିତ ହୋଇଥିଲା। ମାତା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମଣ୍ଡା, ସ୍କନ୍ଧମାତା, କାତ୍ୟାୟିନୀ, କାଳରାତ୍ରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।ପରିଚାଳନା କମିଟି ତରଫରୁ ସଭାପତି ଶଶି ଭୂଷଣ ପୃଷ୍ଟି କର୍ତ୍ତା ସାଜିଥିଲା ବେଳେ ଦିଲ୍ଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ସତ୍ୟାନନ୍ଦ ପୃଷ୍ଟି, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ବିଧାୟକଙ୍କଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକଙ୍କଦ୍ୱାରା ନବନିର୍ମିତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ଜିଲାପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଛାୟତ, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଡାକ୍ତର ରେଖା ଭଗତ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା କେନାଲ ପୋଲଟି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଘନଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ରଟି ୬୦ ବର୍ଷର ପୁରୁଣା ଘରେ ନାନା ସମସ୍ୟା ମଧ୍ୟ ଦେଇ ଚାଲିଥିଲା ଏବଂ ଜନସାଧାରଣ ବହୁବାର ଦାବି ଓ ଆନ୍ଦୋଳନ କରିବା ପରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ବିଲଡ଼ିଙ୍ଗ ନିର୍ମାଣ ହୋଇଛି।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୁଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଇଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୂଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ। ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।

# ମୋ ସହର

## ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକିତ୍ସା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେଣ୍ଟ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ୍ୟ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ୍ୟ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

## ତରଭା ପଞ୍ଚାୟତ ସମିତି ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ସୁବର୍ଣ୍ଣପୁର,(ପି.ଏନ):ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତରଭା ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## 'ପଶ୍ଚିମ'ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରଯୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍ ?ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍.ଏସ୍.ଡି.ଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଞ୍ଚିଲେ କଳାକାର ବଞ୍ଚିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସ୍ୱଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍ ?,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Tuesday June 10 | ଭୁବନେଶ୍ୱର ମଙ୍ଗଳବାର, ୧୦, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ପି. ଏମ. ଶ୍ରୀ. କେଦାର ନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଦିବାରାତ୍ର ଆନ୍ତଃ ବିଦ୍ୟାଳୟ ଏକ ଦିବସୀୟ ଭଲିବଲ ପ୍ରତିଯୋଗୀତା ଅନୁଷ୍ଠିତ, ଦ୍ୱାରି ବିଜେତା



ଅମ୍ବାଭୋନା,(ପି.ଏନ): ପି. ଏମ. ଶ୍ରୀ କେଦାର ନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ବ୍ଲକ ସ୍ତରୀୟ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ଭଲିବଲ୍ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରଥ ଅଧକ୍ଷତା କରିଥିଲେ ।ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବରଗଡ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକ ମୂଖ୍ୟ ଅତିଥି ଭାବେ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିବର୍ଧନ୍ ଦୂଆନ ଓ ପଞ୍ଚ ସଖା ଶିକ୍ଷା ସେତୁ କମିଟି ସଭାପତି ରୋହିତ ଭୁଏ, ଅମ୍ବାଭୋନା ବ୍ଲକ ଖେଳ ଓ କ୍ରୀଡ଼ା ସଂଗଠନ ସମ୍ପାଦକ ଜ୍ୟୋତିଷ ସାହୁ, ଅବସରପ୍ରାପ୍ତ ପୂର୍ବତନ ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଗଜେନ୍ଦ୍ର ଦାସ, ତୁଲରକ୍ଷମ୍ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଭା ପରିଚାଳନା ଶିକ୍ଷକ ମନୋହର ସାହୁ କରିଥିବା ବେଳେ । ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରଥ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ଓ ପୂଜାର୍ଚ୍ଚନା ପରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୂଖ୍ୟ ଅତିଥି ନାୟକ ସାର ଧ୍ୱଜାରୋହଣ କରିଥିବା ବେଳେ ବିଦ୍ୟାଳୟର ଛାତ୍ର ଆକାଶ ନାୟକ ଶପଥ ଗ୍ରହଣ କରାଇଥିଲେ । ଏହାପରେ ମୂଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଖେଳ ପ୍ରତିଯୋଗୀତା କୁ ଉଦଘାଟନ କରିଥିଲେ । ଆୟୋଜକ ବିଦ୍ୟାଳୟର ପୂର୍ବତନ ଛାତ୍ର ବୁଗବୁଗି ଗ୍ରାମର ତଥା ବର୍ତ୍ତମାନ ବିକାଶ ଶିକ୍ଷାନୁଷ୍ଠାନ ରେ କାର୍ଯ୍ୟରତ ଖେଳ ଶିକ୍ଷକ ସରୋଜ ସେଠ୍ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଧାରା ବିବରଣୀ ପ୍ରଦାନ କରିଥିଲେ ଶିକ୍ଷକ ସନ୍ତୋଷ ମାଝୀ ଓ ପୂର୍ବତନ ଛାତ୍ର ମନୋରଞ୍ଜନ ନାୟକ । ପ୍ରଥମେ ଲଖନପୂର୍ ସବ ବ୍ଲକ ର କର୍ଲା ଉଚ୍ଚ ବିଦ୍ୟାଳୟ ଓ ଭୁକ୍ତା ସବ୍ ବ୍ଲକ ମଧ୍ୟରେ ଖେଳ ହୋଇଥିଲା । ଏଥିରେ ଭୁକ୍ତା ଦଳ ବିଜୟୀ ହୋଇଥିଲେ । ପ୍ରଥମ ମେଚ ଖେଳ ପରିଚାଳନା କରିଥିଲେ ଖେଳ ଶିକ୍ଷକ ସମୀର ବିଶାଳ ଓ ସାଧୁ ଭୋଇ । ଦ୍ୱିତୀୟ ମେଚ କଣ୍ଡପଲକ୍ଷ ଓ ଅମ୍ବାଭୋନକ୍ଷ ସବ୍ ବ୍ଲକ ମଧ୍ୟରେ ହୋଇଥିବା ବେଳେ ଅମ୍ବାଭେନା ଦଳ ବିଜୟୀ ହୋଇ ଥିଲା ବେଳେ ଖେଳ ପରିଚାଳନା କରିଥିଲେ ବିକାଶ ପ୍ରଧାନ ଓ ଶାନ୍ତକ୍ଷନୁ ମିଶ୍ର । ତୃତୀୟ ମେଚ ଦ୍ୱାରି ଓ ଭୁକ୍ତା ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଖେଳ ପରିଚାଳନା କରିଥିଲେ ଖେଳ ଶିକ୍ଷକ ସରୋଜ ସେଠ । ଅନ୍ତିମ ମେଚ୍ ଦ୍ୱାରି ଓ ଅମ୍ବାଭୋନା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଖେଳ ପରିଚଳନକ୍ଷ କରିଥିଲେ ବିକାଶ ପ୍ରଧାନ ।ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ ଦ୍ୱାରିକାଧିସ ଉଚ୍ଚ ବିଦ୍ୟାଳୟ ଦ୍ୱାରୀ ଓ ଉପବିଜେତା ହୋଇଥିଲେ ଅମ୍ବାଭୋନା ଦଳ । ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ଫଣିନ୍ଦ୍ରନାଥ ସାହୁ ଓ ରଞ୍ଜିତ ସାହୁ । ଏହି ପ୍ରତିଯୋଗିତାର ମେନ୍ ଅଫ ଦି ସିରିଜ୍ ଅମ୍ବାଭୋନା ର ପ୍ରିନ୍ସ ଦଣ୍ଡସେନା ହୋଇଥିବା ବେଳେ ପ୍ଲେୟାର ଅଫ ଦି ଫାଇନାଲ ହୋଇଥିଲେ ଦ୍ୱାରିର ଦୀନେଶ ଭୋଇ । ଉଦଯାପନୀ ଉତ୍ସବ ରେ ଦ୍ୱାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦୁଲାର୍ ସିଂ ପଟେଲ ଉପସ୍ଥିତ ଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ବିଶ୍ୱନାଥ ସାହୁ । ଏହି ପ୍ରତିଯୋଗିତାରେ ବ୍ଲକ ର ସମସ୍ତ ଖେଳ ଶିକ୍ଷକ ଉପସ୍ଥିତ ଥିବା ବେଳେ ସହଯୋଗ କରିଥିଲେ ଖେଳ ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ, ତେଜ ରାମ ସାହୁ,ଶିକ୍ଷକ ଶୁଭାଶିଷ ଜଗତ, ଝରଣା ଦାସ, ଶିଳା ଭୋଇ, ଅଚ୍ୟୁତ ନାୟକ, ମଧୁସୂଦନ ବାରିକ, ସ୍ୱପ୍ନକ୍ଷ । ସାହୁ, ଉପମା ପ୍ରଧାନ, ସରସ୍ୱତୀ ଭୋଇ, ସୈରେନ୍ଦ୍ରି ରଥ, ଜୟସ୍ମିତା ମହାନ୍ତି, ମନୋହର ସାହୁ, ତେଜରାମ ସାହୁ, ପିଙ୍କି ଭୋଇ, ଦୀନବନ୍ଧୁ ପଣ୍ଡା, ଶିବ ପ୍ରସାଦ ଦାଶ, ଜିତେନ୍ଦ୍ର ନାୟକ ନେପାଲ ସେଠ, ଆରତୀ ନାୟକ, ଟିକାରାମ ଡିଲା,ବୈକୁଣ୍ଠ ପଟେଲ, ଓ ରାଜେଶ ପଟେଲ ।

# ଇଫକୋ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ଉତ୍ସବ ଉଦଯାପିତ : ଇଫକୋ ପାରାଦୀପ ୟୁନିଟ ବିଜୟୀ



ପାରାଦୀପ ,(ପି.ଏନ): ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ର ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ଉତ୍ସବ ୨୦୨୫ ପାରାଦୀପ ଇଫକୋ ପରିସରରେ ଜୁନ ୮ ତାରିଖ ରବିବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ପାରାଦୀପ ରେ ପ୍ରଥମ ଥର ଆୟୋଜିତ ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ର ଉଦଯାପନୀ ସନ୍ଧ୍ୟାରେ ଇଫକୋ ର ପରିଚ୍ଳାନା ନିର୍ଦ୍ଦେଶକ ଡ଼ଃ. ୟୁ.ଏସ.ଅୱସ୍ତି ଏବଂ ତାଙ୍କ ସହଧର୍ମିଣୀରେଖା ଅୱସ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସର୍ବଭାରତୀୟ ଉତ୍ସବରେ ଇଫକୋ ପାରାଦୀପ ଶାଖା ସମସ୍ତ ଙ୍କ ମଧ୍ୟରେ ବିଜେତା ଘୋଷିତ ହୋଇଥିଲେ । ଏହି ଅବସରରେ ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଡ଼ଃ.ଅୱସ୍ତି ଇଫକୋ ର ଅଭିବୃଦ୍ଧି ନିମନ୍ତେ ଏହାର ଅଧକ୍ଷ ଦିଲୀପ ସାଙ୍ଘାନୀ ଙ୍କ ନିରବଚ୍ଛିନ୍ନ ସମର୍ଥନ ଓ ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ । ତେବେ ଏହି ମହୋତ୍ସବ ର ସଫଳତା ପାଇଁ ସମସ୍ତ ପ୍ରତିଯୋଗୀ ଓ ଆୟୋଜକ ଙ୍କୁ ପ୍ରଶଂସା କରିବା ସହ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ କର୍ମଚ୍ାରୀଙ୍କ ପ୍ରତିଭା ପ୍ରଦର୍ଶନ ସହିତ ପରସ୍ପର ଭାବ ର ଆଦାନ ପ୍ରଦାନ କରି ଇଫକୋ ପରିବାର ସୁଦୃଢ ରହିବ ବୋଲି ଶ୍ରୀ ଅୱସ୍ତି କହିଥିଲେ । ସେହିପରି ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏହି ଉତ୍ସବ ର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ୬ ଦିନ ବ୍ୟାପି କାର୍ଯ୍ୟକ୍ରମ ସମସ୍ତଙ୍କୁ ଉପଭୋଗ୍ୟ ହୋଇଥିବା କହିଥିଲେ । ସୂଚ୍ନାଥାଉକି ,ଏହି ଉତ୍ସବରେ ଭାରତର ସମସ୍ତ ଇଫକୋ ୟୁନିଟ ଫୁଲପୁର, କଲୋଲ, ଅନଲା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଙ୍ଗ ଙ୍କ ସମେତ ପାରାଦୀପ ୟୁନିଟ ଅଂଶଗ୍ରହଣ କରିଥିଲେ ।






# ପାରମ୍ପରିକ ଖାଦ୍ୟ ଦିବସ ପାଳିତ ଆମ ରୁଚି, ଆମ ଖାଦ୍ୟ



ବୋରିଗୁମ୍ମା,(ପି.ଏନ): ବୋରିଗୁମ୍ମା ବ୍ଲକ ପରିସରରେ ଓଡିଶା ପକ୍ଷ ପାଳନ ଅବସରରେ ଆଜି ପାରମ୍ପରିକ ଖାଦ୍ୟ ଦିବସ ତଥା ଆମ ରୁଚି, ଆମ ଖାଦ୍ୟ ଦିବସ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ ।ବ୍ଲକ ପରିସରରେ ପାରମ୍ପରିକ ଖାଦ୍ୟ ଯଥା ମାଣ୍ଡିଆ ରୁ ପ୍ରସ୍ତୁତ ପୋଡପିଠା, ଆରିସା, ସୁପ ସହ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା ।ପାରମ୍ପରିକ ଖାଦ୍ୟ କୁ ବିଡ଼ିଓ ଶ୍ରୀ ପଟ୍ଟନାୟକ ଙ୍କ ସମେତ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଓ ଅନ୍ୟ ବ୍ଲକ କର୍ମଚାରୀ ମାନେ ଖାଇଥିଲେ ।ଆଜି ଓଡ଼ିଆ ପକ୍ଷ ଦିବସ ର ୧୩ ତମ ଦିବସ ।ଏହି ଦିନ କୁ ରାଜ୍ୟ ସରକାର ପାରମ୍ପରିକ ଖାଦ୍ୟ ଦିବସ ଭାବେ ସାରା ଓଡ଼ିଶାରେ ପାଳନ କରୁଛନ୍ତି ।ଆମ ସଂସ୍କୃତି ,ପରମ୍ପରା ଓ ଓଡ଼ିଆ ଅସ୍ମିତା ,ଆମ ଭିତରେ ଏକତା ସୃଷ୍ଟି କରିବା ସହ ଆମେ ଓଡ଼ିଆ ବୋଲି ଗର୍ବ କରିବା ଓଡ଼ିଆ ପକ୍ଷ ପାଳନ ର ମୁଖ୍ୟ ଉଦେଶ୍ୟ ବୋଲି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏବିଡ଼ିଓ ମାଧୁରୀ ଆଚାରୀ,ଏଇଇ ପ୍ରକାଶ ପ୍ରଧାନ,ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା,ବିପିସି ସ୍ୱାତି ପଟନାୟକ, ଜିପିଇଓ ସ୍ୱାଗତିକା ଗୋପାଳ, ଏପିଓ ରମାକାନ୍ତ ବେହେରା,ପିଇଓ ସୁମନ୍ତ ବିଶ୍ୱାଳ, ମହେନ୍ଦ୍ର ପଣ୍ଡା,ଆଇସିଡିଏସ ସୁପ୍ରଭାଇଜର ରୋଜାଲିନ କଟିଆ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଉପସ୍ଥିତ ଥିଲେ ।

# ଓଡିଶାରେ ନିରୀହ ଶିଶୁ ଓ ମହିଳାଙ୍କ ଉପରେ ଗଣ ଧର୍ଷଣକୁ ନେଇ ବ୍ଲକ କଂଗ୍ରେସ କ୍ୟାଣ୍ଡେଲ ଶୋଭାଯାତ୍ରା

କଳାହାଣ୍ଡି ଜିଲ୍ଲା,(ପି.ଏନ): ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବସନ୍ତପଡ଼ା ଗ୍ରାମ ପଞ୍ଚାୟତରେ ଗତକାଲି ବା ତା ୧୨/୦୪/୨୫ ରିଖ ଶନିବାର ସନ୍ଧ୍ୟା ୦୬ ଘଣ୍ଟା ୩୦ ମିନିଟ ସମୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ଓ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାର ମୁଖ୍ୟ ଉଦେଶ୍ୟ ହେଲା ଓଡିଶାର ଅପାରକତା ସରକାର ଓଡ଼ିଶାରେ ନିରୀହ ଶିଶୁ ଓ ଶିଶୁ ମହିଳା ମାନଙ୍କୁ ଦୁଷ୍କର୍ମ ଗଣ ଧର୍ଷଣ, ହତ୍ୟା ଏବଂ ହଜାର ହଜାର ମହିଳା ଓ ଶିଶୁ ନିଖୋଜ ହୋଇଥିବା ଯୋଗୁଁ ତାର ନ୍ୟାୟିକ ଯାଞ୍ଚ କରାଯିବା ପାଇଁ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା ଓ ଏହି ଶୋଭାଯାତ୍ରାଟି ଏଥିରେ ଲାଞ୍ଜିଗଡ ବ୍ଲକ କଂଗ୍ରେସ ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଓ ଜିଲ୍ଲା ସଭାପତି ଭାରତ ବୀମାଲଙ୍କ ନିର୍ଦ୍ଦେଶରେ କ୍ରମେ ଲାଞ୍ଜିଗଡ ବ୍ଲକରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ଏଥିରେ ଜଗନ୍ନାଥ ପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ମାଝୀ,ଲାଞ୍ଜିଗଡ ବ୍ଲକର ମହିଳା ସଭାପତି ଶାନ୍ତି ହରିଜନ, ମାଧୁରୀ ଦୁର୍ଗା,ଡକା ମାଝୀ, ସୁରେନ୍ଦ୍ର ମାଝୀ, ସଦାନନ୍ଦ ନାଏକ,ପାଇଁଲା ମାଝୀ,ସୂର୍ଯ୍ୟ ମାଝୀ, ଦୁର୍ଲଭ ମାଝୀ ବସନ୍ତପଡ଼ା ଗ୍ରାମର ବୋହୁ ସଂଖ୍ୟାରେ ସ୍ତ୍ରୀ ଲୋକ ଓ ପୁରୁଷ ଲୋକ ଜମା ହୋଇ ବସନ୍ତପଡ଼ା ପଞ୍ଚାୟତ ଠାରୁ ବାହାରି ବସନ୍ତପଡ଼ା ଗ୍ରାମର ସାହି ବସ୍ତି କ୍ୟାଣ୍ଡେଲ ଧରି ଶୋଭାଯାତ୍ରା କରିଥିଲେ ଓ ସେଠାରରେ ବ୍ଲକ ସଭାପତି ବିଜୟ ନାୟକଙ୍କୁ ଆମେ ପଚାରିଥିଲୁ ଆପଣ ଏଇ କ୍ୟାଣ୍ଡେଲ ଶୋଭାଯାତ୍ରା କରିବାର କଣ ପାଇଁ କରୁଛ ତମ ଉଦେଶ୍ୟ କଣ ?

# ୧୭ ନଂ ୱାର୍ଡରେ ରାସ୍ତା ଓ ଡ୍ରେନ କାର୍ଯ୍ୟର ଭି ିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୭ ନମ୍ବର ୱାର୍ଡରେ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟର ଭି ିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କର୍ପୋରେଟର ପୂଜା ମହାରଣାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉ ର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ନୂତନ କାର୍ଯ୍ୟର ଶୁଭ ଦେବା ସହିତ ୱାର୍ଡ କାର୍ଯ୍ୟାଳୟରେ ବସିଥିବା ପାନୀୟ ଜଳ ମେସିନ୍‌ର ଉଦଘାଟନ କରିଥିଲେ । ନିର୍ମାଣ କାର୍ଯ୍ୟ ମଧ୍ୟରେ ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ପଥରବନ୍ଧ ଆଦର୍ଶ କଲୋନୀ ରାସ୍ତା ଓ ଡ୍ରେନ ଏବଂ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୋଷ୍ଟାଲ କଲୋନୀ ରାସ୍ତା ଓ ଡ୍ରେନ କାର୍ଯ୍ୟ ରହିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାମଚନ୍ଦ୍ର ବେହେରା, ବିଶ୍ୱନାଥ ଦାସ, ରବି ବା ିଆ, ଶିବା ରେଡ୍ଡି, ରିତା ଦାସ, ମାମା ଦଳେଇ, ଲକ୍ଷ୍ମୀପ୍ରିୟା ବେହେରା, ନସିମ ବିବି ପ୍ରମୁଖ ଉପସ୍ଥିତ ଥିଲେ । ଯୁବନେତା ଭୋଳାନାଥ ମହାରଣା କର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray